

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୩ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 MAY 2025
Vol.No. 36 ■ No.125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ ଚେତାବନୀ: ଆଉ ପରମାଣୁ ବ୍ଲାକମେଲ୍ ଖାତିର କରିବୁ ନାହିଁ

### ଆମ ମହିଳାଙ୍କ ମଥାରୁ ସିନ୍ଦୁର ପୋଛିବାର ପରିଣାମ ଏବେ ପ୍ରତ୍ୟେକ ଆତଙ୍କବାଦୀ ଜାଣିଛନ୍ତି

### "ରକ୍ତ-ପାଣି ଏକାଠି ବହିପାରିବ ନାହିଁ": ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ହୁଙ୍କାର

### ହତାଶ ପାକିସ୍ତାନ ବିଶ୍ୱ ସମୁଦାୟଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଥିଲା

### ଭାରତର ପରାକ୍ରମୀ ସେନାକୁ ସାଲ୍ୟୁଟ କଲେ ପ୍ରଧାନମନ୍ତ୍ରୀ, ଗୋଇନ୍ଦା ସଂସ୍ଥା, ବୈଜ୍ଞାନିକଙ୍କୁ ପ୍ରଶଂସା



ନୂଆଦିଲ୍ଲୀ,୧୨।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ହୋଇଥିବା ସାମରିକ ଗତିବିଧି ପରେ ଏକ ଅସ୍ଥାୟୀ ଯୁଦ୍ଧବିରାମ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ସମ୍ବୋଧିତ କରି କଡ଼ା ବାର୍ତ୍ତା ଦେଇଛନ୍ତି। ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, "ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚ, ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ। ପାଣି ଏବଂ ରକ୍ତ ମଧ୍ୟ ଏକାଠି ବହିପାରିବ ନାହିଁ।" ସେ ଆହୁରି ଜୋର ଦେଇ କହିଛନ୍ତି, "କୌଣସି ପରମାଣୁ ବ୍ଲାକମେଲ୍ ଭାରତ ସହ୍ୟ କରିବ ନାହିଁ। ଆତଙ୍କୀ ଆକ୍ରମଣର ଜବାବ ଭାରତ ନିଜ ସର୍ତ୍ତରେ ଦେବ ଏବଂ ଏହା ନିଶ୍ଚିତ ରୂପେ ସଠିକ୍ ଓ ନିର୍ଣ୍ଣାୟକ ହେବ।" ଏହି ସମ୍ବୋଧନରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଆତଙ୍କବାଦକୁ ପୃଷ୍ଠପୋଷଣ କରୁଥିବା ସରକାର ଏବଂ ଆତଙ୍କୀ ସଂଗଠନମାନଙ୍କୁ ଭାରତ ଅଲଗା ଭାବେ ବିଚାର କରିବ ନାହିଁ। "ଆତଙ୍କୀ ଠିକଣାଗୁଡ଼ିକ ଉପରେ ଭାରତ ସଠିକ ଓ ନିର୍ଣ୍ଣାୟକ ପ୍ରହାର କରିବ," ବୋଲି ସେ ଘୋଷଣା କରିଛନ୍ତି। ଏହା ସହ ସେ ପାକିସ୍ତାନର ପରମାଣୁ ଅସ୍ତ୍ର ବ୍ୟବହାରର ଧମକକୁ "ବ୍ଲାକମେଲ୍" ବୋଲି ଅଭିହିତ କରି ଏହାକୁ ପୂର୍ଣ୍ଣତଃ ଅଗ୍ରାହ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ବୃଦ୍ଧି ପାଇଥିଲା, ଯାହା ସାମରିକ କାର୍ଯ୍ୟାନୁଷ୍ଠାନରେ ପରିଣତ ହୋଇଥିଲା।

▶▶ପୃଷ୍ଠା ୭

## ଶ୍ରୀମନ୍ଦିର ସୁରକ୍ଷାରେ ମୁତୟନ ହେଲା ଆର୍ମଡ୍ ଭେଇକିଲ୍



ପୁରୀ, ୧୨/୫ (ନି.ପ୍ର): ଶ୍ରୀମନ୍ଦିର ସୁରକ୍ଷାରେ ମୁତୟନ ହେଲା ଆର୍ମଡ ଭେଇକିଲ । ଡିଜିପି ୱାଇ ବି ଖୁରାନିଆଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ସମ୍ମୁଖରେ ସୁରକ୍ଷା ପାଇଁ ଆର୍ମଡ ଭେଇକିଲ ମୁତୟନ ହୋଇଛି । ସମସ୍ତ ସୁରକ୍ଷା ଦିଗକୁ ନେଇ ଅନୁଧ୍ୟାନ କରିଛନ୍ତି ନିଜେ ଡିଜିପି। ବିଶେଷକରି ଯଦି କୌଣସି ଆତଙ୍କବାଦୀ ଆକ୍ରମଣ ଘଟିବ ତାହା ହେଲେ ତାକୁ କିଭଳି ପ୍ରତିହତ କରାଯିବ ତା ଉପରେ ଗୁରୁତ୍ୱ ଦିଆଯାଇଛି।

▶▶ପୃଷ୍ଠା ୭

## ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୨/୫ (ନି.ପ୍ର): ଖୁସି ଖବର ଏଥର ସଅଳ ଆସୁଛି ମୌସୁମୀ। ୨୪ ଘଣ୍ଟାରେ ଆଣ୍ଡାମାନ ଛୁଇଁବ। ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗର କେନ୍ଦ୍ରର ସୂଚନା ଅନୁସାରେ, କାଲି ଆଣ୍ଡାମାନ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ। ମୌସୁମୀ ବାୟୁ ଅଗ୍ରସର ନେଇ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ଛୁଇଁବ ମୌସୁମୀ। ଅନ୍ୟପକ୍ଷରେ ତତଲା କଡ଼େଇରେ ଭାଜି ହେଉଛନ୍ତି ରାଜ୍ୟବାସୀ। ଉପକୂଳରୁ ଉତ୍ତର, ପୁଣି ପଶ୍ଚିମରୁ ଦକ୍ଷିଣ ସବୁଠି ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମଲହରୀ। ୧୫ ତାରିଖ ଯାଏଁ ତାତିରୁ ନିସ୍ତାର ନାହିଁ।

▶▶ପୃଷ୍ଠା ୭

## ବାର ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୨/୫ (ନି.ପ୍ର): ଡ଼ମଣା କସମୋଶ ବାରରେ ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଲେ ଦଧି ବାମନ ଜେନା ଓ କୃଷ୍ଣ ଚନ୍ଦ୍ର ବାରିକ। ପୋଲିସ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଗତକାଲି ମଧ୍ୟ ଏହି ଘଟଣାରେ ୧୧ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୩ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ । ପୋଲିସ କମିସନର ସୁରେଶ ଦେବ ଦତ ସିଂ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ପାତ୍ର ଏବଂ ରଶ୍ମି ଏବେ ବି ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ଜାଗାରେ ରେଡ କରୁଛି କମିସନରେଟ ପୋଲିସ।

## ଆଜିଠୁ ସ୍ୱାଭାବିକ ହେବ ବିମାନ ଯାତ୍ରା

ଭୁବନେଶ୍ୱର , ୧୨/୫ (ନି.ପ୍ର): ଆସନ୍ତାକାଲି ଠାରୁ ସବୁ ସ୍ଥାନକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୋଟାମକୁ କ୍ୟାନସେଲ କରାଯିବା ନେଇ ବେସାମାରିକ ବିମାନ ମନ୍ତ୍ରାଳୟରୁ ନୋଟିସ ଆସିଛି। ବନ୍ଦ ଥିବା ୩୨ ବିମାନ ବନ୍ଦରକୁ ବିମାନ ଯାତ୍ରା ସ୍ୱାଭାବିକ ହେବ। ତେବେ ଯାତ୍ରା ପ୍ଲାନ ଏୟାରଲାଇନ୍ସ କମ୍ପାନୀ ସ୍ଥିର କରିବେ। ଭୁବନେଶ୍ୱରରୁ ଗାଜିଆବାଦ ଓ ପାଟନା ଦେଇ ଚଣ୍ଡିଗଡ ଯାଉଥିବା ବିମାନ ଆସନ୍ତା କାଲି ଠାରୁ ପୁଣି ଥରେ ଚାଲିପାରେ ବୋଲି ସେ କହିଛନ୍ତି।

## ଆଗକୁ ଆହୁରି ଜଳିବ ଓଡିଶା



ଭୁବନେଶ୍ୱର, ୧୧/୫ (ନି.ପ୍ର): କଲବଲ କରୁଛି ତାତି । ଆଗକୁ ଆହୁରି ଜଳିବ ଓଡିଶା । ଆସନ୍ତା ୧୭ ତାରିଖ ଯାଏଁ ତାତିରୁ ନିସ୍ତାର ନାହିଁ । ତାପମାତ୍ରା ଠାରୁ ଢେର ଅଧିକ ଆର୍ଦ୍ରତା । ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆଜି ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ଆଜି ଦିନ ସାଢେ ୨ଟା ସୁଦ୍ଧା ସମ୍ବଲପୁରରେ ସର୍ବାଧିକ ୪୨.୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୧.୬ ଡିଗ୍ରୀ, ହୀରାକୁଦ ୪୧.୦ ଡିଗ୍ରୀ, ଭୁବନେଶ୍ୱର ୪୦.୦ ଡିଗ୍ରୀ, ରାଉରକେଲା ୩୯.୬ ଡିଗ୍ରୀ ଓ କେନ୍ଦୁଝରରେ ୩୭.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଉଲ୍ଲେଖଯୋଗ୍ୟ, ମେ ୧୩ ତାରିଖରେ ପ୍ରବଳ ଖରା ଓ ଗୁଳୁଗୁଳି

▶▶ପୃଷ୍ଠା ୭

## ବିବାହ ଭୋଜିରେ ପ୍ରେମିକାଙ୍କ ହଙ୍ଗାମା: ରିସେପ୍ସନ ଷ୍ଟେଜରୁ ବରକୁ ଉଠାଇ ଆଣିଲା ପୋଲିସ



ଭୁବନେଶ୍ୱର, ୧୩/୫ (ନି.ପ୍ର): ବିବାହ ଭୋଜିରେ ହଙ୍ଗାମା କଲେ ପ୍ରେମିକା । ରାତିରେ ବିବାହ ଭୋଜି ଚାଲୁଥିବା ବେଳେ ରିସେପ୍ସନ ଷ୍ଟେଜରୁ ବରକୁ ଉଠାଇ ଆଣିଲା ପୋଲିସ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱରରେ । ଭୁବନେଶ୍ୱରର ଧଉଳି ଥାନା ଅନ୍ତର୍ଗତ ଏକ ମଣ୍ଡପରେ ନବ ବିବାହିତ ଯୁବକଙ୍କ ରିସେପ୍ସନ ଚାଲୁଥିବା ସମୟରେ ବରଙ୍କୁ ପୋଲିସ୍ ଉଠାଇ ନେଇଯିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ନବବିବାହିତ ଯୁବକ ଜଣକ ଉକ୍ତ ଅଭିଯୋଗକାରିଣୀ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ । ତାଙ୍କୁ ବିବାହର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏପରିକି ଉକ୍ତ ଯୁବତୀଙ୍କ ସହ ତାଙ୍କର ନିର୍ବନ୍ଧ ମଧ୍ୟ ସରିଥିଲା । କିନ୍ତୁ ପରେ ପ୍ରତିଶ୍ରୁତିରୁ ଓହରି ଯାଇ ଉକ୍ତ ଯୁବତୀଙ୍କୁ ବିବାହ ନ କରି ଯୁବକ ଜଣକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ । ଉକ୍ତ ଯୁବତୀ ଜଣକ ଏହି ଖବର ପାଇବା ପରେ ପୋଲିସ୍ ସହାୟତାରେ ଯୁବକଙ୍କ ପାଖରେ ପହଞ୍ଚିଥିଲେ ।

▶▶ପୃଷ୍ଠା ୭

## କଂଗ୍ରେସ ନେତାଙ୍କୁ ହତ୍ୟା କଲେ ମାଓବାଦୀ




ମାଲକାନଗିରି, ୧୨/୫ (ନି.ପ୍ର): କଂଗ୍ରେସ ନେତାଙ୍କୁ ହତ୍ୟା କଲେ ମାଓବାଦୀ । ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି । ଗତ ବିଳମ୍ବିତ ରାତିରେ ମାଓବାଦୀମାନେ ବିଜାପୁର ଜିଲ୍ଲା ଉସୁର ଥାନା ଲିଙ୍ଗାପୁର ଗ୍ରାମରେ ଜଣଙ୍କୁ ହତ୍ୟା କରିଛନ୍ତି । ମୃତକ କଂଗ୍ରେସ ନେତା ନାଗା ଭଣ୍ଡାରୀ। ତାଙ୍କୁ ଜୋର ଜବରଦସ୍ତ ଜଙ୍ଗଲକୁ ଉଠାଇ ନେଇ ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡିଛି । କାଲି ବିଳମ୍ବିତ ରାତିରେ ସଶସ୍ତ୍ର ମାଓବାଦୀମାନେ ଉସୁର ଲିଙ୍ଗାପୁର ଗ୍ରାମରେ ପହଞ୍ଚିଥିଲେ । ଗ୍ରାମର ନାଗା ଭଣ୍ଡାରୀଙ୍କ ଘରେ ପଶି ତାଙ୍କୁ ଖୋଜାଖୋଜି କରିଥିଲେ । କିନ୍ତୁ ନାଗା କୌଣସି ଏକ ସାମାଜିକ କାର୍ଯ୍ୟକ୍ରମକୁ ଯାଇଥିଲେ । ମାଓବାଦୀମାନେ ସେଠାରୁ ତାଙ୍କୁ ଜଙ୍ଗଲକୁ ଟାଣି ନେଇଥିଲେ ଏବଂ ସେଠାରେ ହତ୍ୟା କରିଥିଲେ । ବଡ଼ କଥା ହେଲା, ଗତ ଅକ୍ଟୋବରରେ ନାଗା ଭଣ୍ଡାରୀଙ୍କ ଭାଇ ତିରୁପତି ଭଣ୍ଡାରୀଙ୍କୁ ମଧ୍ୟ ହତ୍ୟା କରିଥିଲେ ମାଓବାଦୀ ।

## ସରିଲା ଭାରତ-ପାକିସ୍ତାନ ଡିଜିଏମଓ ସ୍ତରୀୟ ବୈଠକ



ନୂଆଦିଲ୍ଲୀ, ୧୨/୫ : ସରିଲା ଭାରତ-ପାକିସ୍ତାନ ଭିତରେ ଡିଜିଏମଓ ସ୍ତରୀୟ ବୈଠକ । ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ପ୍ରଥମ ଡିଜିଏମଓ ବୈଠକ । ଭାରତର ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନର ମେଜର ଜେନେରାଲ କାସିଫ୍ ଅବଦ୍ଦୁଲାଙ୍କ ମଧ୍ୟରେ ଖୋଲା ଆଲୋଚନା । ଅସ୍ତ୍ରବିରତି ପରେ ଏହି ଆଲୋଚନା ଶାନ୍ତିପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି । ତେବେ ୧୦ ତାରିଖ ଦିନ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଘୋଷଣା ହୋଇଥିଲା । ଡିଜିଏମଓ ସ୍ତରରେ କଥାବାର୍ତ୍ତା ପରେ ଅସ୍ତ୍ରବିରତି ପାଇଁ ଦୁଇ ଦେଶ ମଧ୍ୟରେ ସହମତି ପରେ ଏହି ଘୋଷଣା କରାଯାଇଥିଲେ ବି ସେହିଦିନ ରାତିରେ ହିଁ ପାକିସ୍ତାନ ପଟୁ ପୁଣି ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଥିଲା । ଗୁଳିମାଡ଼ ସହ ଡ୍ରୋନ ଭାରତ ଉପରେ ଆକ୍ରମଣ କରିଥିଲା । ସୀମାବର୍ତ୍ତୀ ରାଜ୍ୟରେ ପାକିସ୍ତାନ ଏହି ଆକ୍ରମଣ କରିଥିବା ରାତିରେ ପ୍ରେସମିଟ୍ କରି ସୂଚନା ଦେଇଥିଲେ ବୈଦେଶିକ ସଚିବ । ଆଉ ୧୨ ତାରିଖରେ ପୁଣି ଡିଜିଏମଓ ସ୍ତରୀୟ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଥିଲା ।

## ବଦଳିଲେ କେରଳ ପ୍ରଦେଶ କଂଗ୍ରେସ ସଭାପତି : ସୁଧାକରନଙ୍କ ସ୍ଥାନ ନେଲେ ସନ୍ନି ଯୋଶେଫ



ନୂଆଦିଲ୍ଲୀ, ୧୧/୫ : ୨୦୨୧ରେ ସିପିଆଇର ବରିଷ୍ଠ ନେତ୍ରୀ କେକେ ଶୈଳଜାଙ୍କୁ ହରାଇଥିଲେ ସନ୍ନି ଜୋଶେଫ । ଛାତ୍ର ଓ ଯୁବ କଂଗ୍ରେସରୁ ରାଜନୀତି ଆରମ୍ଭ । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ କେରଳ ରାଜ୍ୟ କଂଗ୍ରେସ ପୁନର୍ବିନାସ କରିବାକୁ ହାଇକମାଣ୍ଡ ଚାହୁଁଛନ୍ତି । ଏହାଛଡା ସଭାପତି ସୁଧାକରନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦଳର ମୁଖିଆଙ୍କୁ ପରିବର୍ତ୍ତନ ପାଇଁ ଚାପ ବଢୁଥିଲା। ମାତ୍ର ୨୦୧୬ ଓ ୨୦୨୧ କ୍ରମାଗତ ଦୁଇଟି ବିଧାନସଭା ନିର୍ବାଚନରେ ହାରିଥିବା କଂଗ୍ରେସ ଏଥିପାଇଁ କୌଣସି ରିସ୍କ ନେବାକୁ ଚାହୁଁନଥିଲା । ସେଥିପାଇଁ ଗତ କିଛି ଦିନ ଧରି ସଭାପତି ପରିବର୍ତ୍ତନ ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟାଇ ବରିଷ୍ଠ ବିଧାୟକ ସନ୍ନିଙ୍କୁ ଦାୟିତ୍ୱ ଦେଇଛନ୍ତି । ୨୦୨୫ ପୌର ଓ ୨୦୨୬ ବିଧାନସଭା ନିର୍ବାଚନରେ ଦଳକୁ ବିଜୟୀ କରିବା ସନ୍ନିଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ । କେରଳ ମୁସଲିମ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସମର୍ଥନ ବିନା ଆଗାମୀ ବିଧାନସଭା ନିର୍ବାଚନ ଜିତିବା କଂଗ୍ରେସ ପାଇଁ କାଠିକରପାଠ । ଏଥିପାଇଁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟକର ସନ୍ନିଙ୍କୁ ଗୁରୁତ୍ୱ ଦିଆଯାଇଛି । ସବୁବେଳେ ହିନ୍ଦୁ ଭୋଟ ଉପରେ ନିର୍ଭର କରୁଥିବା ବିଜେପି କେରଳ ରାଜନୀତିରେ ପ୍ରଭାବ ବିସ୍ତାର ପାଇଁ ଏବେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟକୁ ନିଜ ଆଡକୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛି । ଏଥିପାଇଁ ୱାକଫ ସଂଶୋଧିତ ଆଇନର ସହଯୋଗରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟକୁ ଦଳକୁ ଟାଣିବାକୁ ଚେଷ୍ଟାରେ ଅଛି । ଯାହା ସନ୍ନିଙ୍କ ଦ୍ୱାରା ପ୍ରତିହିତ ହୋଇପାରେ ବୋଲି କଂଗ୍ରେସ ଆଶା ରଖିଛି । କେରଳରେ ପ୍ରତ୍ୟେକ ବିଧାନସଭା ନିର୍ବାଚନରେ ସରକାର ବଦଳିବାର ପରମ୍ପରା ଅଛି । ମାତ୍ର ୨୦୨୧ ତାହା ନହୋଇ ଏଲ୍‌ଡିଏଫ୍ ମେଣ୍ଟ ପୁଣିଥରେ ସରକାରକୁ ଆସିଥିଲା । ତେଣୁ ଆଗାମୀ ବିଧାନସଭା ନିର୍ବାଚନରେ ଏହି ପରମ୍ପରା ବଜାୟ ରଖିବାକୁ କଂଗ୍ରେସ ଚାହୁଁଛି।

▶▶ପୃଷ୍ଠା ୭

## ସୋନପୁରଠାରେ ନିଶୁଳ୍କ ଯୋଗ ବିଜ୍ଞାନ ଓ ଧ୍ୟାନ ଶିବିର

ସୁବର୍ଣ୍ଣପୁର,୧୨/୫(ନି. ପ୍ର): ସୋନପୁର ଫରେଷ୍ଟ ପାର୍କ ଠାରେ ଏକ ନିଶୁଳ୍କ ଯୋଗ ବିଜ୍ଞାନ ଓ ଧ୍ୟାନ ଶିବିର ଅନୁଷ୍ଠିତ ହୋଇଛି । ଦିବ୍ୟ ଉର୍ଯ୍ୟକ୍ଷ ଯୋଗ ସେବା ସମିତି ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୁବ ଭାରତ ଓଡିଶା ରାଜ୍ୟ ପ୍ରଭାରୀ ଶ୍ରୀ ଅମୃତାନ୍ଶୁ ପଧାନ ଯୋଗ ଦେଇ ଯୋଗ ସାଧକ ମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ୍ କରି ଏକ ସୁସ୍ଥ ଶରୀର ସୁସ୍ଥ ସମାଜ ଗଠନ ପାଇଁ ବିଭିନ୍ନ ପରାମର୍ଶ କରି ଯୋଗ ରେ ସବୁ ଲୋକଙ୍କୁ ଯୋଡ଼ିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ପତଞ୍ଜଳୀ ଭାରତ ସ୍ୱାଭିମାନର ମନୋଜ ପଣ୍ଡା ସହଯୋଗ କରିଥିବା ବେଳେ ପତଞ୍ଜଳି ଯୋଗ ସମିତିର ମହିଳା ପରାମର୍ଶ ଦାତା ପ୍ରଧାପିକା ପ୍ରତିମା ରଥ ଯୋଗ ଦେଇ ଥିଲେ। ଦିବ୍ୟ ଉର୍ଯ୍ୟକ୍ଷ ଯୋଗ ସମିତି ଓ ମହିଳା ଯୋଗ ସମିତିର ସମସ୍ତ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହରିଦ୍ୱାର ରେ ହେଉଥିବା ଆଧୁନିକ ଚିକିତ୍ସା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

# ପରିତ୍ୟକ୍ତ ଖାଦାନପାଣିରୁ ଯୁବକଙ୍କ ମୃତଦେହ ଉଦ୍ଧାର: ମୃତ୍ୟୁର କାରଣ ଅସ୍ପଷ୍ଟ

ନୀଳଗିରି,୧୨/୫(ନି. ପ୍ର): ନୀଳଗିରି ଅଞ୍ଚଳ ଖଣିଜ ସଂପଦରେ ଭରପୁର ହୋଇଥିବାରୁ ରାଜ୍ୟ ସରକାର କୋଟିକୋଟି ରାଜସ୍ୱ ଆୟ କରିଥାନ୍ତି । ମାତ୍ର ଏତେଟଙ୍କା ତହବିଲକୁ ଯାଉଥିବା ବେଳେ ଖଣିଜ ଉତ୍ତୋଳନ କରିବାପରେ ସଂପୃକ୍ତ ଲିଜଧାରୀ ଗଭୀର ଗାତଗୁଡିକ ପୋତିବା ଅଥବା ଗାତ ଚତୁପାର୍ଶ୍ୱରେ ବାଡ଼ଘେରି ବିପଦମୁକ୍ତ କରିବାର ନିୟମ ଥିବାବେଳେ ସମସ୍ତ ନୀତିନିୟମକୁ ଅବହେଳା କରିବା ଫଳରେ ଅଞ୍ଚଳରେ ବାରମ୍ବାର ଅଘଟଣ ଘଟି ଅନେକ ଅମୂଲ୍ୟ ଜୀବନ ଯାଉଛି । ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମିତ୍ରପୁର କେ. ପି ମାହାଲ ଖାଦାନ ଅଞ୍ଚଳରେ । ସୂଚନା ଅନୁଯାୟୀ କେ.ପି ମାହାଲ ଗ୍ରାମର କାହ୍ନୁ ସିଂଙ୍କ ପୁଅ ସୁନୀଲ ସିଂ(୩୪) ମଧ୍ୟାହ୍ନରେ ଏକ ପରିତ୍ୟକ୍ତ ଖାଦାନରେ ମରି ଭାସୁଥିବାର ଦେଖି ସ୍ଥାନୀୟ ଅଂଚଳର କିଛିଲୋକ ତାଙ୍କୁ ପାଣିରୁ ଉଦ୍ଧାର କରି ଆଡିକୁ



ଆଣିଥିଲେ। ପରିବାରର ସୂଚନା ମୁତାବକ ସୁନୀଲ ଦିନପ୍ରାୟ ୧.୩୦ମିନିଟ ସମୟରେ ଗାଧୋଇବା ପାଇଁ ଯାଇଥିବା ବେଳେ ଘରକୁ ଫେରିନଥିଲେ। ଦିନ ପ୍ରାୟ ୩ଟା ସମୟରେ ସୁନୀଲର ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକ ଉଦ୍ଧାରକରି ନୀଳଗିରି ପୋଲିସକୁ ଖବର ଦେଇଥିଲେ। ତେବେ କୂଳ ଠାରୁ ମାତ୍ର ୪/୫ଫୁଟ ଦୂର ପାଣିରେ ମୃତଦେହ ଭାସିବାକୁ ନେଇ ସନ୍ଦେହ ଉପୁଜିଥିବା ଆଶଙ୍କା କରାଯାଇଛି । ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସଆଇ ଅନନ୍ତ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲ ଅଣାଯାଇଥିଲା। ମୃତ ସୁନୀଲର ଦୁଇଟି ସ୍ତ୍ରୀ ଥିବାବେଳେ ଦୁଇଟି ପୁଅ ଏବଂ ଦୁଇଟି ଝିଅ ଅଛନ୍ତି । ତନ୍ମଧ୍ୟରୁ ଗୋଟିଏ ଦୁଇମାସର ଶିଶୁକନ୍ୟା ଥିବା ଜଣାଯାଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଅବକାରୀ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ ମହୁଲ ବିକାଳି ବେହାଲ: ଦଲାଲ୍ ମାଲେମାଲ୍

ଜୟପୁର,୧୨/୫(ନି. ପ୍ର): କୋରାପୁଟ ଜିଲ୍ଲାର ଚାଷୀ ଉପର ଦଲାଲକୁ ଭରଷା କରି ଚାଷ କରିଥାନ୍ତି । ବର୍ଷକୁ ଗୋଟିଏ ଥର ମାତ୍ର ଚାଷ ହେଉଥିବା ଧାନ ଫସଲକୁ ଛାଡିଦେଲେ କେତେକ ଚାଷୀ ମୁଗ ଚାଷ କରି ଭଲ ଦୁଇ ପଇସା ଉପାର୍ଜନ କରିଥାନ୍ତି । ଆଉ କେତେକ ଚାଷୀ ଡାଲି ଜାତୀୟ ଫସଲ ନିଜ ବ୍ୟବହାର ପାଇଁ କରିଥାନ୍ତି । ଏହା ବ୍ୟତୀତ ଅନ୍ୟ ଅର୍ଥକାରୀ ଫସଲ ଭାବରେ ମହୁଲ ହିଁ ଗଣନାକୁ ଆସିଥାଏ । ବଣ ପାହାଡ ଓ ଜଙ୍ଗଲ ଯୁକ୍ତ ଗ୍ରାମ ଗୁଡିକୁ ଯଦି ବିଚାରକୁ ନିଆଯାଏ ତାହେଲେ ଅନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହକୁ ଯଦି ତୁଳନା କରାଯାଏ ଛୋଟ ଚାଷୀ ଏବଂ ଆଦିବାସୀଙ୍କୁ ବେଶ୍ ରୋଜଗାରକ୍ଷମ କରିଥାଏ ମହୁଲ ଫୁଲ । ଦିନକୁ ଦିନ ବିଭିନ୍ନ ଅଂଚଳରେ ମଦଭାଟି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମଦଭାଟିରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ସରକାର । କିନ୍ତୁ, ମହୁଲର ଅଭାବୀ ବିକ୍ରୀ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ସାଜିଛି ବାଧକ । ଶାଗ ମାଛ ଦରରେ ଏହାକୁ କିଲୋଗ୍ରାମ ପ୍ରତି ୧୦ ରୁ ୧୨ ଟଙ୍କା ଓ ମାଣ ପ୍ରତି ୨୫ ରୁ ୩୦ ଟଙ୍କାରେ ବିକ୍ରୀ କରୁଛନ୍ତି ଲୋକେ । ଅନେକ ସ୍ଥାନରେ ଲୁଣ, ଆଳୁ ବଦଳରେ ମହୁଲ ଫୁଲ ଦେଉଥିବା ଦେଖାଯାଉଛି । ତେବେ ପରିଶ୍ରମ ତୁଳନାରେ ଏହା ଯଥେଷ୍ଟ କମ୍ ହେଉଥିବାରୁ ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ମହୁଲ ଗୋଟାଳି ଦାବି କରୁଛନ୍ତି । ଅନ୍ୟପକ୍ଷରେ ପ୍ରତି ପଂଚାୟତରେ ପ୍ରଶାସନ ପକ୍ଷରୁ ଲଘୁ ବନଯାତ ଦ୍ରବ୍ୟ ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ ରେ ଗ୍ରାମପଂଚାୟତକୁ ଦର ଧାର୍ଯ୍ୟ ପାଇଁ ସରକାର କ୍ଷମତା ଦେଇଛନ୍ତି । ସରକାର ସେଥିରେ ପୁଣି ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ହିଁ ପଂଚାୟତର ମହୁଲ କ୍ରୟ କରିବାର ନିୟମ ରହିଛି । ହେଲେ ସରକାରୀ ନିୟମ ସମ୍ପର୍କରେ ଉପାନ୍ତ ଅଂଚଳର ଲୋକେ ଜାଣି ନ ଥିବାରୁ ଦଲାଲକୁ କମ ମୂଲ୍ୟରେ ବିକ୍ରି କରୁଛନ୍ତି । ମହୁଲ ସଂଗ୍ରହ ପାଇଁ ବା ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀ ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ମହୁଲ କ୍ରୟ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନ ପ୍ରତିନିଧି ଏବଂ କିଛି ସରକାରୀ କର୍ମଚାରୀଙ୍କ ଗଠିତ କମିଟିରେ ମୂଲ୍ୟ ଧାର୍ଯ୍ୟ ହେବା କଥା । କିନ୍ତୁ, ଏ ସବୁରେ ବ୍ୟତିକ୍ରମ ଦେଖାଯାଉଛି । ଗ୍ରାମାଞ୍ଚଳରେ ମଦଭାଟି ମାଲିକ ମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି । ପରେ ନାମକୁ ମାତ୍ର କିଛି ମହୁଲ କିଣି ସରକାରୀ ଦପ୍ତରରେ ଦେଖାଣିଆ ଭାବ ଦେଖାଉଛନ୍ତି । ଲଘୁ ବନଜାତ ଦ୍ରବ୍ୟର ଦରଦାମ କମି ଯାଉଥିବା ବେଳେ ମହୁଲରେ ତିଆରି ସାମଗ୍ରୀର ମୂଲ୍ୟ ଯୋରସୋରରେ ବଢୁଛି । କୋରାପୁଟ ଜିଲା ବୈପାରିଗୁଡା, କୁନ୍ଦୁରା ବ୍ଲକ୍ ଅଂଚଳରେ ରହିଥିବା ମଫସଲ ଗାଁ ଗୁଡିକର ଆଦିବାସୀ ଓ ଜନସାଧାରଣ ମହୁଲ ସଂଗ୍ରହ କରି ଆର୍ଥିକ ସ୍ଥିତିର ସନ୍ତୁଳନ ରକ୍ଷା କରିଥାନ୍ତି । ମହୁଲର ଅଭାବି ବିକ୍ରୀ ସେମାନଙ୍କ ପେଟ ପାଟଣା ପାଇଁ ବାଧକ ସାଜିଥିବା ଅଭିଯୋଗ ହେଉଛି । ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପୂର୍ବରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ କମିଟି ବସି କ୍ରୟ ବିକ୍ରୟ ଉପରେ ଆଲୋଚନା ହେଉଥିଲା । ଏବେ କିଛି ବର୍ଷ ହେବ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆଲୋଚନା ହେବା ପୂର୍ବରୁ ଭାଟି ମାଲିକ ମାନେ, ଏପରିକି କିଛି ଖୁଚୁରା ବ୍ୟବସାୟୀ ଗାଁ ଗାଁ ବୁଲି ମହୁଲ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ଫଳରେ ସରକାରଙ୍କ ଧାର୍ଯ୍ୟମୂଲ୍ୟ ମୁତାବକ ପାଉଣା ପାଉନଥିବା ଯୋଗୁଁ ସେମାନଙ୍କର ପରିବାରର ଗୁଜୁରାଣ ମେଣ୍ଟାଇବା କାଠିକର ପାଠ ହେଉଛି । ଜିଲ୍ଲା ପ୍ରଶାସନ ଯଦି ଏହି ଦିଗପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତେ, ତାହେଲେ ମହୁଲର ଅଭାବୀ ବିକ୍ରୀ ଉପରେ ଅଙ୍କୁଶ ଲାଗି ପାରନ୍ତା ଏବଂ ଆଦିବାସୀ ଓ ଜନସାଧାରଣ ମହୁଲର ଉଚିତ୍ ମୂଲ୍ୟ ପାଇପାରନ୍ତେ । ଅନ୍ୟପକ୍ଷରେ ଅବକାରୀ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ ଭାଟି ମାଲିକ ମାନେ ମନମୁତାବକ ମହୁଲ କିଣି ମଦ ତିଆରି କରି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ପଂଚାୟତକୁ ଦର ଧାର୍ଯ୍ୟ ପାଇଁ ସରକାର କ୍ଷମତା ଦେଇଛନ୍ତି । ସରକାର ସେଥିରେ ପୁଣି ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ହିଁ ପଂଚାୟତର ମହୁଲ କ୍ରୟ କରିବାର ନିୟମ ରହିଛି । ହେଲେ ସରକାରୀ ନିୟମ ସମ୍ପର୍କରେ ଉପାନ୍ତ ଅଂଚଳର ଲୋକେ ଜାଣି ନଥିବାରୁ ଦଲାଲକୁ କମ ମୂଲ୍ୟରେ ବିକ୍ରି କରୁଛନ୍ତି । ମହୁଲ ସଂଗ୍ରହ ପାଇଁ ବା ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀ ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ମହୁଲ କ୍ରୟ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନ ପ୍ରତିନିଧି ଏବଂ କିଛି ସରକାରୀ କର୍ମଚାରୀଙ୍କ ଗଠିତ କମିଟିରେ ମୂଲ୍ୟ ଧାର୍ଯ୍ୟ ହେବା କଥା । କିନ୍ତୁ ଏ ସବୁରେ ବ୍ୟତିକ୍ରମ ଦେଖାଯାଇଛି । ଗ୍ରାମାଚଂଳରେ ମଦଭାଟି ମାଲିକ ମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି । ପରେ ନାମକୁ ମାତ୍ର ମହୁଲ କିଣି ସରକାରୀ ଦପ୍ତରରେ ଦେଖାଣିଆ ଭାବ ଦେଖାଉଛନ୍ତି । ଲଘୁ ବନଜାତ ଦ୍ରବ୍ୟର ଦର ଦାମ କମି ଯାଉଥିବା ବେଳେ ମହୁଲରେ ତିଆରି ସାମଗ୍ରୀର ମୂଲ୍ୟ ଯୋରସୋରରେ ବଢୁଛି ।

# ଦୁଗ୍ଧ ପ୍ରଦାନକାରୀ ପ୍ରାଣୀ ସମ୍ପଦର ସଂରକ୍ଷଣ ପାଇଁ ଦାବି

ମାଲକାନଗିରି,୧୨/୫(ନି. ପ୍ର): ମାଲକାନଗିରି ଜିଲ୍ଲାର ସମସ୍ତ ଦୁଗ୍ଧ ପ୍ରଦାନକାରୀ ପ୍ରାଣୀ ସମ୍ପଦକୁ ପଞ୍ଜିକରଣ କରିବା ବା (ଇଅର୍ ଟାଗ୍)ଲଗାଇବାକୁ ବାଧ୍ୟତା କରିବା ଦ୍ୱାରା ଅନ୍ତଃ ରାଜ୍ୟ ଗୋ ତସ୍କରି ବନ୍ଦ ହୋଇପାରିବ ଦାବୀରେ ଆଜି ଜିଲ୍ଲା ପ୍ରାଣୀ ମଙ୍ଗଳ ଅଧିକାରୀ ଓ ପିପୁଲ୍ ଫର୍ ଆନିମଲ୍ସ ର ଜିଲ୍ଲା ସଂଯୋଜକ ରାମକୃଷ୍ଣ ଚୌଧୁରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ମାଧ୍ୟମରେ ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ଓ ପ୍ରମୁଖ ଶାସନ ସଚିବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା ସରକାରଙ୍କ ନିକଟକୁ ଦୁଇଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଜିଲ୍ଲାର ଦୁଗ୍ଧ ପ୍ରଦାନକାରୀ ପ୍ରାଣୀ ସମ୍ପଦକୁ ପଞ୍ଜିକରଣ କରିବା ସମୟରେ ମାଲିକଙ୍କ ଆଧାର କାର୍ଡ୍ ସହ ପ୍ରାଣୀଙ୍କ ପ୍ରଜାତୀ, ବୟସ ମଧ ଏଥିରେ ଉଲ୍ଲେଖ କରାଯାଉ । ପ୍ରାଣୀ ସମ୍ପଦର କ୍ରୟ ଓ ବିକ୍ରି ସମୟରେ ପ୍ରାଣୀଟିର ପଞ୍ଜିକରଣ ନଂ, କ୍ରେତା ଓ ବିକ୍ରେତାଙ୍କ ଆଧାର କାର୍ଡ୍ ର ନକଲ ବିକ୍ରିକର ରସିଦର ଏକ ନକଲ ପ୍ରାଣୀ ବିକ୍ରୟ କେନ୍ଦ୍ରରେ (ହାଟରେ) ଓ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜମାକରିବାକୁ ବାଧ କରାଯାଉ । ନଚେତ୍ ଏହି କ୍ରୟ ଓ ବିକ୍ରୟକୁ ନିଷେଧ ବା ଆଇନ ସହମତ ନୁହଁ ବୋଲି ବିବେଚନାକରି ଉକ୍ତ ପ୍ରାଣୀ ସମ୍ପଦକୁ ନିକଟସ୍ଥ ପ୍ରାଣୀ ପୁନଃ ଆବାସ କେନ୍ଦ୍ର (ଆନିମଲ୍ ରିହାବ୍ଲିଟେସନ୍ ସେଂଟର) ରେ ଜମାକରିଦିଆଯିବ ବୋଲି ବିଜ୍ଞପ୍ତି ଜାରି କରାଯାଉ । ରାଜ ରାସ୍ତାରେ ବୁଲୁଥିବା ମାଲିକ ବିହିନ ଗୋବଂଶ (ଷଣ୍ଢ ଓ ଦୁଗ୍ଧ ପ୍ରଦାନକାରୀ ସମସ୍ତ ପ୍ରାଣୀ) ମାନଙ୍କୁ ସ୍ଥାନୀୟ ପ୍ରଶାସନ ଯଥା ପଂଚାୟତ, ବିଜ୍ଞାପିତ ଅଂଚଳ ପରିଷଦ, ମୁନିସିପାଲିଟି, ମହାନଗରନିଗମ ସହ ଅନୁବନ୍ଧିତ କରି ପଞ୍ଜିକରଣକୁ ବାଧ୍ୟତା କରାଯାଉ । ସେ ସମସ୍ତ ବୁଲା ଗୋବଂଶଙ୍କୁ ନିକଟସ୍ଥ ପ୍ରାଣୀ ପୁନଃ ଆବାସ କେନ୍ଦ୍ର (ଆନିମଲ୍ ରିହାବ୍ଲିଟେସନ୍ ସେଂଟର) ରେ ରଖିବା ବ୍ୟବସ୍ଥା କରାଯାଉ । ପୂର୍ବ ସରକାରଙ୍କ ଅନୁସାରେ ପ୍ରତି ବ୍ଲକ୍ ରେ ୫ ରୁ ୬ ଏକର ଜମିରେ ପ୍ରାଣୀ ପୁନଃ ଆବାସ କେନ୍ଦ୍ର (ଆନିମଲ୍ ରିହାବ୍ଲିଟେସନ୍ ସେଂଟର) ସ୍ଥାପନା ବ୍ୟବସ୍ଥା ଆରମ୍ଭ ହୋଇଥିଲା, ଯେଉଁ ଜିଲ୍ଲା ମାନଙ୍କରେ ଏହା ହୋଇପାରିନାହିଁ ସେଠାରେ ଯଥା ଶିଘ୍ର କାର୍ଯ୍ୟକାରୀ କରାଯାଉ । ରାଜ୍ୟ ସରକାରଙ୍କ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ପତ୍ର ନଂ ୧୬୧/୩୦ ତା ୦୯-ମଇ-୨୦୧୫ରିଖ, ପତ୍ରାଙ୍କ୧୯୪/୩୦ ତା ୫-ଅଗଷ୍ଟ-୨୦୧୬, ପତ୍ର ନଂ ୧୫୧/୩୦ ତା ୬-ନଭେମ୍ବର-୨୦୧୮, ପତ୍ରାଙ୍କ୧୫୮/୩୦ ତା୧-ଡିସେମ୍ବର-୨୦୧୮ ରେ ଓଡିଶାର ସମସ୍ତ ଜିଲ୍ଲା ମୂଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟକୁ ତଥା ୨୧୮୪/୩୦ ତା ୩୧-ଜାନୁଆରୀ- ୨୦୧୯ ରେ ଓଡିଶାର ସମସ୍ତ ଜିଲ୍ଲାପାଳଙ୍କୁ ପତ୍ରଦ୍ୱାରା ଆଗ୍ରହ କରାଯାଇଥିଲା କି ପ୍ରତ୍ୟେକ ବ୍ଲକ୍ ରେ ୫ ରୁ ୬ ଏକର ବିଶିଷ୍ଟ ଗୋଟିଏ ଲେଖାଏଁ ପ୍ରାଣୀ ପୁନଃ ଆବାସ କେନ୍ଦ୍ର (ଆନିମଲ୍ ରିହାବ୍ଲିଟେସନ୍ ସେଣ୍ଟର୍) ସ୍ଥାପନା ବ୍ୟବସ୍ଥା କରାଯାଉ ।

ଏଥି ନିମନ୍ତେ କିଛି ବର୍ଷ ତଳେ ୨୦ ଲକ୍ଷ ଓ ପରବର୍ତି ସମୟରେ ଏହି ଧନରାଶି ବୃଦ୍ଧି ହୋଇ ବର୍ତମାନ ୫୨ ଲକ୍ଷ ହୋଇଥିବା ଜିଲ୍ଲାପାଳ କହିଥିଲେ । ଏପରିକି ଏଥିରେ ରଖାଯାଇଥିବା ପ୍ରାଣୀମାନଙ୍କୁ ରହିବା ଖାଇବା ଓ ଔଷଧ ବାବଦରେ ପ୍ରତିବର୍ଷ ୨୦ହଜାର ଟଙ୍କା ସହଯୋଗ ଥିବା ସରକାରୀ ବିଜ୍ଞପ୍ତିରେ ପ୍ରକାଶ ହୋଇଛି ! କିନ୍ତୁ ମାଲକାନଗିରି ପରି ଆଦିବାସୀ ଅଧୁସିତ ଉପାନ୍ତ ଜିଲ୍ଲା ମାନଙ୍କରେ ଏ ସମସ୍ତ ଯୋଜନା କାର୍ଯ୍ୟକରୀ ହେଲେ ଆମସହରରେ ଥିବା ବୁଲା ଗୋବଂଶକୁ ଉତମ ଖାଦ୍ୟ, ଆବାସ ମିଳିବାସହ ଓ ଅନ୍ୟ ରାଜ୍ୟକୁ ମାଂସ ନିମନ୍ତେ ଚାଲାଣ ହେଉଥିବା ନିରିହ ଗୋବଂଶଗୁଡିକର ଅମୁଲ୍ୟ ଜୀବନ ବଂଚିପାରନ୍ତା । ଏହାସହ ଓଡିଶାରେ ଥିବା ଭାରତ ସରକାରଙ୍କ ଚିହ୍ନିତ ବିଲୁପ୍ତପ୍ରାୟ ଓ ସଂରକ୍ଷିତ ଦେଶୀୟ ପ୍ରଜାତୀ ଗୋବଂଶ ଯଥା ମୋଟୁ, ବିଞ୍ଝାରପୁରି, ଘୁମୁଷରି ଓ ଖରିଆର ର ସଂରକ୍ଷଣ, ସଂବର୍ଦ୍ଧନ, ଉତମ ବିକଶିତ ଗୋ-ବଂଶ ପ୍ରସ୍ତୁତି ଓ ସେମାନଙ୍କ ଠାରୁ ମିଳୁଥିବା ଗବ୍ୟ ପଦାର୍ଥର ଉଚିତ ମୁଲ୍ୟାୟନ କଲେ ଆମ ଗୋବଂଶର ପ୍ରକୃତ ବିକାଶ ହୋଇପାରିବ ବୋଲି ଦାବୀରେ ଉପସ୍ଥାପନା କରାଯାଇଛି ।

ଏକ ନକଲ ଜିଲ୍ଲାପାଳ ତଥା ଜିଲ୍ଲା ସଭାପତି, ଜୀବେ ନିଷ୍ଠୁରତା ନିରୋଧ ସମିତି, ମାଲକାନଗିରି / ଜିଲ୍ଲା ଆରକ୍ଷୀ ଅଧିକାରୀ ତଥା ଉପ-ସଭାପତି, ଜୀବେ ନିଷ୍ଠୁରତା ନିରୋଧ ସମିତି, ମାଲକାନଗିରି / ଜିଲ୍ଲା ଅଧିକାରୀ, ଜୀବେ ନିଷ୍ଠୁରତା ନିରୋଧ ସମିତି, ମାଲକାନଗିରି ଙ୍କ ନିକଟକୁ ସୁଚନା ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଥିବା ରାମକୃଷ୍ଣ କହିଛନ୍ତି । ଏହି ପ୍ରକାର ନିରିହ ପ୍ରାଣୀମାନଙ୍କ ମଙ୍ଗଳ ପାଇଁ ପଦକ୍ଷେପ ନେଇଥିବାରୁ ଜିଲ୍ଲାର ପ୍ରାଣୀ ପ୍ରେମୀ ତଥା ବୁଦ୍ଧିଜିବୀ ମାନେ ରାମକୃଷ୍ଣଙ୍କୁ ସାଧୁବାଦ ଜଣାଇଛନ୍ତି ।

# କୁମାରୀ ଗ୍ରାମବାସୀଙ୍କ ସରକାରୀ ଜମିପଟ୍ଟା ମିଳିବ କେବେ ? ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା,୧୨/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ପଂଚାୟତରେ ଥିବା ୧୪ଟି ୱାର୍ଡରେ ୫ହାଜରରୁ ଉର୍ଦ୍ଧ ଲୋକେ ବସବାସ କରୁଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ପଟ୍ଟାଜମି ମିଳି ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏଠାରେ ବସବାସ କରୁଥିବା ପରିବାର ଗୁଡ଼ିକୁ ତୁରନ୍ତ ଜମିପଟ୍ଟା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଦୀର୍ଘବର୍ଷ ହେଲା କୁମାରୀ ଗ୍ରାମରେ ବହୁ ପରିବାର ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ସରକାରୀ ଜମିପଟ୍ଟା ଅଦ୍ୟାବଧି ମିଳିପାରି ନାହିଁ। ବିଗତ ସରକାରରେ ସେମାନଙ୍କୁ ପଟ୍ଟା ଦେବାପାଇଁ ପ୍ରତିଶ୍ରୁତି ମିଳିଥିଲା । ହେଲେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାର ପରିବର୍ତନ ହେବା ପରେ ସେମାନଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି ଓ ପୂର୍ବରୁ ଏହି ପଂଚାୟତରେ ବସବାସ କରୁଥିବା କିଛି ଲୋକଙ୍କୁ ୪ ଡିସମିଲ ଲେଖାଏଁ ଜମିପଟ୍ଟା ମିଳିଥିବା ବେଳେ ପରବର୍ତୀ ସମୟରେ ସେମାନଙ୍କୁ ଆଉ ୬ ଡିସମିଲ ଜମି ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ସେମାନେ ବହୁବର୍ଷ ଧରି ରହି ଆସିଥିଲେ ମଧ୍ୟ ସରକାରଙ୍କ ଅବହେଳାରୁ ସେମାନେ ତାଙ୍କ ମୌଳିକ ସୁବିଧା ସହିତ ଜମିପଟ୍ଟା ପାଇ ପାରି ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ସୂଚନା ମୁତବାକ , ୧୯୭୫ ମସିହା ବନ୍ୟାରେ ଭାଲୁଖାଇଠାରେ ଘାଇ ହେବା ଫଳରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା । ଏହି ବନ୍ୟା ବିଭୀଷିକାରୁ ସରକାର ଉଦ୍ଧାର କରି ଉଚ୍ଚ ସ୍ଥାନ ତଥା କୁମାରୀଠାରେ ଅସ୍ଥାୟୀଭାବେ ଛପର ଘର କରି ଭାଲୁଖାଇ, ଚହଟା, ଦୁର୍ଗାପୁର ଆଦି ଗ୍ରାମରୁ ଆସିଥିବା ଅନେକ ଲୋକମାନଙ୍କୁ ଥଇଥାନ କରିଥିଲେ। ପ୍ରତ୍ୟେକ ପରିବାରକୁ ନକ୍ସା ତିଆରି କରି ୧୦ ଡିସମିଲ ଲେଖାଏଁ ଜମି ଦେଇଥିଲେ। ପରେ ୧୯୯୩-୯୪ମସିହାରେ କିଛି ପରିବାରକୁ ୪ଡିସମିଲ ଲେଖାଏଁ ଘରବାରୀ ପଟ୍ଟା ପ୍ରଦାନ କରାଯାଇଥିଲେ ସୁଦ୍ଧା ବହୁ ପରିବାର ଏହି ସମୟରେ ପଟ୍ଟା ପାଇବାରୁ ବଂଚିତ ହେଲେ । ଏପର୍ଯ୍ୟନ୍ତ ରହିଯାଇଥିବା ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ। ଯେଉଁମାନେ ୪ ଡିସମିଲ ଜମି ପଟ୍ଟା ପାଇଥିଲେ। ସେମାନଙ୍କୁ ଅବଶିଷ୍ଟ ୬ ଡିସମିଲ ପଟ୍ଟା ଦିଆଯାଇନାହିଁ ।

## ପାନୀୟ ଜଳ ଯୋଗାଣ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡା,୧୨/୫(ନି. ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଭୟଙ୍କର ତାତିରେ ଜିଲ୍ଲାସାରା ପାନୀୟ ଜଳ ସଙ୍କଟ ଦେଖା ଦେଇଛି । ଏହାର ମୁକାବିଲା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ବାହୀ ଅଧିକାରୀ ଅଜାୟର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଏକ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ସମସ୍ତ ବ୍ଲକର ଜେଇ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ଚୂଡାନ୍ତ କରିଥିଲେ । ଜଳକଷ୍ଟ ଭୋଗୁଥିବା ଅଂଚଳ ମାନଙ୍କରେ ଥିବା ପୁରୁଣା ନଳକୂପ ଗୁଡିକର ମରାମତି କରିବା ଓ ଆବଶ୍ୟକ ସ୍ଥଳେ ନୂଆ ନଳକୂପ ବସାଇବା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି ।

## ପର୍ଶଳାରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

ଚମ୍ପୁଆ,୧୨/୫(ନି. ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ଗ୍ରାମ ରେ ଚବିଶ ପ୍ରହର ନାମ ସଂକୀର୍ତନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଆଜି ଉଦଯାପିତ ହୋଇଯାଇଛି। ଗତ ଗୁରୁବାର ଦିନ ନିକଟସ୍ଥ ଅରଡେଇ ନଦୀରୁ କଳସ ଶୋଭାଯାତ୍ରା ରେ ଘଟ ଅଣାଯାଇ ସ୍ଥାପନ କରାଯାଇ ପର୍ଶଳା ହାଟପଡ଼ିଆ ଲକ୍ଷ୍ମୀ ମଣ୍ଡପ ର ନାମଯଜ୍ଞ ର ଶୁଭାରମ୍ଭ ହୋଇଥିଲା । ଏହି ନାମଯଜ୍ଞରେ ଅଁଳାଗୁଡା ମୟୂରଭଞ୍ଜ, ସହିଦ୍ ପୁର ମୟୂରଭଞ୍ଜ, ନେଦାଭାଡି ମୟୂରଭଞ୍ଜ, ନନ୍ଦରା କେନ୍ଦୁଝର, ଅସ୍ତପଙ୍ଗା କେନ୍ଦୁଝର ସମେତ ବରଗଡ଼ ରୁ ଆସିଥିବା ଗୁରୁ ସୁଧର୍ମା ଦାସ ଓ ସମ୍ବଲପୁର ର ଇତିଶ୍ରୀ କରଙ୍କ ସଂକୀର୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ଅଖଣ୍ଡ ହରିନାମ କରାଯାଇଥିଲା । ନାମ ଯଜ୍ଞ ସଂକଳ୍ପ ରେ ବିକ୍ରମ କେଶରୀ ବୈଦ୍ୟ ବସିଥିବା ବେଳେ ପୂଜକ ବିଶ୍ୱନାଥ ଦାସ ଓ ଶାନ୍ତନୁ ଦାସ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ଆଜି ଉଦଯାପନି ଦିବସରେ ବୈଠକୀ ପାଲା, ପ୍ରବଚନ ଓ ନଗର କୀର୍ତନ ହୋଇ ଚବିଶ ପ୍ରହର ନାମଯଜ୍ଞ ସମାପିତ ହୋଇଥିଲା।

# ସାହିତ୍ୟ ପତ୍ରିକା ଉଚ୍ଚାଙ୍ଗ ସାହିତ୍ୟର ସ୍ୱର 'ସ୍ରୋତସ୍ୱତୀ'ର ଖରା ସଂଖ୍ୟା ଲୋକାର୍ପିତ

ବଲାଙ୍ଗିର,୧୨/୫(ନି. ପ୍ର): ଏକ ସ୍ୱୟଂସିଦ୍ଧ କଳା ହେଉଛି କବିତା । ଧାଡିଟିଏ ଭିତରେ, ଧାଡିଟିଏ ପାଇଁ ଯୁଗ ଟିଏ ଅପେକ୍ଷା କରିବାକୁ ପଡିଥାଏ । କବିତାର କଲ୍ଲୋଳ ସେତେବେଳେ ପ୍ରବାହିତ ହୁଏ,ଯେତେବେଳେ ଅନୁଭବର ଅନନ୍ୟତାରେ କବିପ୍ରାଣ ଆପ୍ଲୁତ ହୁଏ । ଆଜି ଅନୁଭବର ଅଭାବ ହିଁ କବିତାକୁ, ସାହିତ୍ୟକୁ ପାଠକଠାରୁ ଦୁରେଇ ଦେଇଛି ବୋଲି ବଲାଙ୍ଗିର ସାମ୍ବାଦିକ ଭବନଠାରେ ସାପ୍ତାହିକ "ଆଞ୍ଚଳିକ ସମ୍ବାଦ"ର ପ୍ରାୟୋଜନରେ ସ୍ରୋତସ୍ୱତୀ ପ୍ରକାଶନୀର ସାହିତ୍ୟ ପତ୍ରିକା ଉଚ୍ଚାଙ୍ଗ ସାହିତ୍ୟର ସ୍ୱର ସ୍ରୋତସ୍ୱତୀର ଖରା ସଂଖ୍ୟା ପୁନଃ ପାଠକାର୍ପଣ ଅବସରରେ ମତ ପ୍ରକାଶ ପାଇଛି । ନିଦାଘର ଉଷ୍ମତା ଭିତରେ ଆୟୋଜିତ ଏହି ସାରସ୍ୱତ ସମାରୋହ "ନିର୍ଲିପ୍ତ ନିଦାଘ " ର ପ୍ରଥମ ଅଧିବେଶନରେ ପତ୍ରିକାର ମୁଖ୍ୟ ସଂପାଦକ ସନ୍ଦୀପ କୁମାର କୁଅଁର ସଭାପତିତ୍ୱ କରିଥିବା ବେଳେ ସଂପାଦକ ଡକ୍ଟର ସଂଜୟ କୁମାର ମିଶ୍ରଙ୍କ ସହ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ନିର୍ଦ୍ଦେଶକ ଅଧାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର, କବୟତ୍ରୀ ଡାକ୍ତର ଜ୍ୟୋତିର୍ମୟୀ ସାହୁ, ଡକ୍ଟର ଗୋବର୍ଦ୍ଧନ ନାୟକ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ସାହିତ୍ୱ ସୃଜନ ଏକ ତପସ୍ୟା ପରି, ଏଥିପାଇଁ ଅନୁଭବର ତୀବ୍ରତା ଜରୁରୀ ଓ ବଲାଙ୍ଗିରର ଉଜ୍ଜ୍ୱଳ ସାରସ୍ୱତ ପରଂପରାକୁ ଆଗେଇ ନେବାକୁ ପ୍ରକାଶିତ ହୋଇଥିବା ସାହିତ୍ୟ ପତ୍ରିକା ସ୍ରୋତସ୍ୱତୀ ଅତୀତରେ ବହୁ ନୂତନ ପ୍ରତିଭାଙ୍କୁ ଆଗକୁ ଆଣିଥିବା ବେଳେ ଆଗାମୀ ସମୟରେ ନବ ନବପ୍ରତିଭାଙ୍କ ସ୍ଫୁରଣର ମାଧ୍ୟମ ହେଉ ବୋଲି କହିଥିଲେ । ପ୍ରାରମ୍ଭରେ ସାହିତ୍ୟ ପତ୍ରିକା ଉଚ୍ଚାଙ୍ଗ ସାହିତ୍ୟର ସ୍ୱର ସ୍ରୋତସ୍ୱତୀର ଖରା ସଂଖ୍ୟାକୁ ପାଠକାର୍ପଣ ପରେ ମୁଖ୍ୟ ସଂପାଦକ ସନ୍ଦୀପ କୁମାର କୁଅଁର ଓ ସଂପାଦକ ପତ୍ରିକାର ଅତୀତ ଓ ବର୍ତ୍ତମାନର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ । ଡକ୍ଟର ଲକ୍ଷ୍ମଣ କୁମାର ମେହେର ସ୍ୱାଗତ ବକ୍ତବ୍ୟ ଦେଇଥିବା ବେଳେ କବୟତ୍ରୀ ସବିତା ମେହେରା ସଂପାଦନା ମଣ୍ଡଳୀ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ସଂଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ନିର୍ଲିପ୍ତ ନିଦାଘର ବହୁଭାଷୀ କବିତା ପାଠୋତ୍ସବ । କବୟତ୍ରୀ ଅଧାପିକା ବନ୍ଦନା କର ଓ ଝରଣା ସାହୁ ।

# ମାତୃ ଦିବସରେ ପଣତକାନି ଉତ୍ସବ ଅନୁଷ୍ଠିତ

ପୁରୀ,୧୨/୫(ନି. ପ୍ର): ମାତୃଦିବସ ଅବସରରେ ରବିବାର ପୂର୍ବାହ୍ନ ନୂଆନଇ ନିକଟ ମା 'ତ୍ରିପୁରା ମୋହିନୀ ମନ୍ଦିର ପ୍ରାଙ୍ଗଣ ରେ 'ପଣତକାନି ଉତ୍ସବ 'ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ୩୦୦ ରୁ ଉର୍ଦ୍ଧ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମା ତ୍ରିପୁରା ମୋହିନୀ ମନ୍ଦିର ରେ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ଉତ୍ସବ ରେ ଆୟୋଜକ ଭାବେ ସାମାଜିକ ଅନୁଷ୍ଠାନ ଦି ମିରର, ଦି ବେଲ, କଳିଙ୍ଗ ସ୍ମାର୍ଟ ସ୍କୁଲ, ସୋମନାଥ ଡେଭଲପରସ, ଲାୟନସ କ୍ଲବ, କ୍ଷେତ୍ରମୋହନ ଫାଉଣ୍ଡେସନ, ଶ୍ରୀଜଗନ୍ନାଥ ଫାଉଣ୍ଡେସନ, ମାଟିର ମଣିଷ ଓ ପୁରୀସଦର ବ୍ଲକ ମହିଳା ମହାସଂଘ ମିଳିତ ଭାବେ ପରିଚାଳନା କରିଥିଲେ। ଆରମ୍ଭରୁ ହୁଳହୁଳି, ହରିବୋଲ ଓ ତାଳିମାଡ ରେ ପ୍ରାଙ୍ଗଣ କମ୍ପିଥିଲା । ପ୍ରଥମ ପ୍ରତିଯୋଗିତା ମିଉଜିକ ଚ୍ୟାର ବେଶ ଆକର୍ଷଣିୟ ହୋଇଥିଲା । ପ୍ରତିଯୋଗିତା ରେ ସମଗରା ଗ୍ରାମର ମହିଳା ମମତା ପଣ୍ଡା ୧ମ, ବାଲଗୁଆଳି ର ଅନୁସୂୟା ପ୍ରଧାନ୨ୟ, ବାଲିଗୁଆଳି ର ସ୍ମିତା ମହାପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। ଫନି ବଲ ଗେମ ରେ ରୋଜାଲିନ ବେହେରା ୧ମ, ରୋଜାଲିନ ପରିଡା ୨ୟ, ସୁଷମା ବେହେରା ୩ୟ ବିଜେତା ହୋଇଥିଲେ । ମା' ଙ୍କ ବିଷୟରେ ତାଙ୍କ ଝିଅମାନେ ବକ୍ତୃତା ଦେଇଥିଲେଛ ମିଛ ଦୁନିଆରେ ସତ କିଛି ଥାଏ ନାରୀରୁପେ ନାରାୟଣୀ ସିଏ.... ଗୀତରେ ବୋହୂ ବେଶରେ ସଂପୂର୍ଣ୍ଣା ପ୍ରଧାନ ଓ ସାଥିମାନେ ଅଭିନୟ କରିଥିଲେ । ଝୋଟି ପ୍ରତିଯୋଗିତା ରେ ସସ୍ମିତା ସ୍ୱାଇଁ ୧ମ, ଅନୁସୂୟା ପ୍ରଧାନ ୨ୟ, ପ୍ରଣତି ପଣ୍ଡା ୩ୟ ବିଜେତା ହୋଇଥିଲେ । ଶଙ୍ଖ ଫୁଙ୍କା ରେ ୩ ଜଣଙ୍କ ମଧ୍ୟ ରୁ ପ୍ରେମଲତା ବାରିକ ୧ମ ହୋଇଥିଲେ । ହୁଳହୁଳି ପ୍ରତିଯୋଗିତା ରେ କବିତା ପ୍ରଧାନ ୧ମ, ସୁବାସିନୀ ବିଶ୍ୱାଳ ୨ୟ ଓ କୁମାରୀ ପ୍ରଧାନ ୩ୟ ହୋଇଥିଲେ । ଡଗ ଡମାଳି ରେ ଲତା ପଣ୍ଡି ୧ମ, ପୂଜା ପ୍ରଧାନ ୨ୟ ଓ ପ୍ରେମଲତା ବାରିକ, ୩ ୟ, କାନ୍ଦଣା ରେ କୁନ୍ତଳା ପ୍ରଧାନ ୧ମ, ବିମଳା ପ୍ରଧାନ ୨ୟ ଓ ଦୋବି ପଣ୍ଡି ୩ ୟ ଏବଂ ହୁଳହୁଳି ରେ କବିତା ପ୍ରଧାନ, ୧ମ ସୁବାସିନୀ ପ୍ରଧାନ ୨ୟ ଓ କୁମାରୀ ପ୍ରଧାନ ୩ୟ ବିଜୟ ଲାଭ କରିଛନ୍ତି । ଦି ମିରର ର ସଭାପତି ଲାୟନ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦି ବେଲ ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସଭାପତିତ୍ୱତା କରିଥିଲେ ସମାଜସେବୀ ରାଜେଶ ମିଶ୍ର, କ୍ଷେତ୍ରମୋହନ ଫାଉଣ୍ଡେସନ ପ୍ରତିଷ୍ଠିତା କୁନ୍ତଳା ପ୍ରଧାନ ଶ୍ରୀ ଜଗନ୍ନାଥ ଫାଉଣ୍ଡେସନ ର ସମ୍ପାଦିକା ରିକି ବାରିକ, ମାଟିର ମଣିଷ ର ସମ୍ପାଦକ ପ୍ରଶାନ୍ତ ପ୍ରଧାନ ମହିଳା ସଙ୍ଘ ର ସଭାନେତ୍ରୀ ସଂଯୁକ୍ତା ପ୍ରଧାନ ସମ୍ପାଦିକା ସରସ୍ୱତୀ ପ୍ରଧାନ, ସମାଜସେବୀକା ସସ୍ମିତା ସାହୁ, ବାଲିଗୁଆଳି ପଂଚାୟତ ସରପଂଚ ସିଲି ସେନାପତି, ବେଲଦଳ ପଂଚାୟତ ସରପଂଚ ବିପିନ ଦାସ, କାଶୀହରିପୁର ପଂଚାୟତ ସମିତି ସଭ୍ୟ ପ୍ରଦୀପ୍ତଭାନୁ ଘଟୁଆରୀ, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ଅଥିତି ଭାବେ ଯୋଗ ଦେଇଥିଲେ । ୧୧୦ ବର୍ଷର ଜଣେ ମା ଚାନ୍ଦ ଜେନାଙ୍କୁ ପଣନ୍ତକାନି ସନମାନ ଦିଆଯାଇଥିଲା । ଗୃହିଣୀ ମା ଯଥା କଲ୍ୟାଣୀ ଘଟୁଆରୀ, ରେଣୁବାଳା ରାଉତ, ଶିଶୁଳା ପ୍ରଧାନ, ମଣିବାଳା ପ୍ରଧାନ ଓ ବିଳାସିନୀ ପ୍ରଧାନ ଙ୍କୁ ପଣନ୍ତକାନି ସନମାନ ଦିଆଯାଇଥିଲା ଏବଂ ସବୁ ପ୍ରତିଯୋଗିତା ଭାଗ ନେଇଥିବା ବିଜେତାଙ୍କୁ ପୁରସ୍କାର ଦିଆଯାଇଥିଲା ।


# ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୨/୫(ନି. ପ୍ର): ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି।ସେ କହିଛନ୍ତି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ,ପ୍ରତିଷ୍ଠାନର କୋଷାଧକ୍ଷ ରଞ୍ଜନ କୁମାର ରାଉତରାୟ, ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଓ ବାଞ୍ଛାନିଧି ମଲ୍ଲିକ ଙ୍କ ଉପସ୍ଥିତିରେ ଓ ପରିଚାଳନାରେ ସମ୍ପାଦନ କରାଯାଇଥିଲା। ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି।

## ୩୬ ତମ ରାଜ୍ୟ କରାଟେ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,୧୨/୫(ନି. ପ୍ର): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୩୬ ତମ ରାଜ୍ୟ କ୍ୟାଡେଟ, ଜୁନିଅର ଓ ୩୭ ତମ ରାଜ୍ୟ ସର୍ବ କନିଷ୍ଠ କରାଟେ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ମୋଟ ୭୦୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ତିନି ଦିନ ହେବାକୁ ଥିବା ଏହି ପ୍ରତିଯୋଗିତାର ଆଜି ପ୍ରଥମ ଦିନରେ କ୍ୟାଡେଟ, ଜୁନିଅର ଓ ୧୩ ବର୍ଷ ବିଭାଗର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଶେଷ ହୋଇଯାଇଛି । ଆଜିର ଏହି ପ୍ରତିଯୋଗିତାରେ ଓଡିଶା ବିଜେପିର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ବିଜୟୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି ।

# ସୌନ୍ଦର୍ଯ୍ୟ ବୃଦ୍ଧିରେ ଗ୍ଲିସେରିନ୍ : ଜାଣନ୍ତୁ କିପରି କରିବେ ବ୍ୟବହାର



ମହିଳାମାନେ ସବୁବେଳେ ସୁନ୍ଦର ଦେଖାଯିବାକୁ ବିଭିନ୍ନ ଉପାୟ ଆପଣାନ୍ତି । ସେଥିପାଇଁ ବିଭିନ୍ନ ପ୍ରକାରର ପ୍ରସାଧନ ବ୍ୟବହାର କରିବା ସହ ବିଭିନ୍ନ ଉପଚାର କରିଥାନ୍ତି । ଶରୀରକୁ ସୁନ୍ଦର କରିବାରେ ଗ୍ଲିସେରିନର ଭୂମିକା ଅନେକ ରହିଛି । ଜାଣନ୍ତୁ ସୌନ୍ଦର୍ଯ୍ୟକୁ ଏହାକୁ ବ୍ୟବହାର କରିବେ କିପରି ?

କ୍ଲିସେରିନକୁ କେବେ ସିଧାସଳଖ ବ୍ୟବହାର କରନ୍ତୁ ନାହିଁ । ବରଂ ଏହାକୁ ଗୋଲାପ ଜଳ କିମ୍ବା ମିନେରାଲ ୱାଟରରେ ମିଶାଇ ବ୍ୟବହାର କରନ୍ତୁ । ଗ୍ଲିସେରିନକୁ ମୁହଁରେ ଲଗାଇବା ପୂର୍ବରୁ ମୁହଁକୁ ଭଲଭାବେ ଧୋଇନିଅନ୍ତୁ । ଏହାପରେ ତୁଳାରେ କିଛି ବୁନ୍ଦା ନେଇ ମୁହଁରେ ମସାଜ୍ କରନ୍ତୁ । କିଛି ସମୟ ରଖିବା ପରେ ମୁହଁକୁ ସାଧା ପାଣିରେ ଧୋଇଦିଅନ୍ତୁ । ତ୍ୱଚା କୋମଳ ରହିବ । ୧୦୦ ଗ୍ରାମ ଗୋଲାପ ଜଳ ସହିତ ୧ ଚାମଚ ଗ୍ଲିସେରିନ୍ ମିଶାଇ ବେତଲର ଠିପି ବନ୍ଦ କରି ଫ୍ରିଜରେ ରଖିଦିଅନ୍ତୁ । ଏହି ଲୋସନକୁ ହାତ, ଗୋଡ, କିମ୍ବା ଶୁଷ୍କ ତ୍ୱଚାରେ ବ୍ୟବହାର କରନ୍ତୁ । ଯଦି ମୁହଁରେ ଚର୍ମ ଶୁଷ୍କ ହୋଇଯାଉଛି, ତାହେଲେ ଅଧା ଚାମଚ ଗ୍ଲିସେରିନ୍ ସହିତ ୧ ଚାମଚ ଗୋଲାପ ଜଳ ଓ ୧ ଚାମଚ ମିଲ୍କ ପାଉଡର ମିଶାନ୍ତୁ । ଏହାକୁ ଭଲଭାବେ ମୁହଁରେ ଲଗାନ୍ତୁ । ୫ ମିନିଟ୍ ପରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ । ମୁହଁ ରୁକ୍ଷ ଓ ଶୁଷ୍କ ହେବାରୁ ରକ୍ଷା ପାଇବ ନିଶ୍ଚୟ ।




# ଠିଆ ହୋଇ ଖାଉଥିଲେ ସାବଧାନ ! ହୋଇପାରେ ଏହି ସବୁ ଗୁରୁତର ସମସ୍ୟା



ଆଜିକାଲି ମଣିଷ ଏତେମାତ୍ରାରେ ବ୍ୟସ୍ତ ଯେ, କୌଣସି କାମରେ ଆଉ ସେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରିବାକୁ ଇଚ୍ଛା କରୁନାହିଁ । ଏହି ପରିପେକ୍ଷୀରେ ଠିଆ ହୋଇ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହେଲାଣି ।

ଯେଭଳି ଠିଆ ହୋଇ ପାଣି ପିଇବା ଯେପରି ହାନିକାରକ, ସେହିଭଳି ଠିଆ ହୋଇ ମଧ ଖାଇବା ମଧ ପାଚନତନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ । ଯେତେବେଳେ ଆମେ ଠିଆ ହୋଇ ଖାଦ୍ୟ ଖାଇଥାଉ ଏହାର ପରିମାଣ ସ୍ୱରୁପ ଆମେ ଜାଣିପାରୁ ନ ଥାଉ ପେଟ ଭରିଛି କି ନାହିଁ । ଠିଆ ହୋଇ ଖାଇବା ଦ୍ୱାରା ସମୟ କମିଯାଇପାରେ, କିନ୍ତୁ ଏଥିପାଇଁ ଆପଣ ଅନେକ ରୋଗର ଶିକାର ହୋଇପାରନ୍ତି ।

ଅଧିକ ଭୋକ ଲାଗିଥାଏ: ଯେଉଁ ଲୋକମାନେ ଠିଆ ହୋଇ ଖାଦ୍ୟ ଖାଆନ୍ତି ସେମାନଙ୍କୁ ଅଧିକ ଭୋକ କରିଥାଏ । କାରଣ ଖାଦ୍ୟ ଶୀଘ୍ର ହଜମ ହୋଇ ଅଧିକ ଭୋକ କରିଥାଏ । ଆବଶ୍ୟକତାଠାରୁ ଅଧିକ ଖାଇବା ଯୋଗୁଁ ଏହା ଅନ୍ୟ ରୋଗଗୁଡିକ ଡାକି ଆଣେ ।

ପାଚନକୁ ପ୍ରଭାବିତ କରିଥାଏ: ଠିଆହୋଇ ଖାଦ୍ୟ ଖାଇବା ଦ୍ୱାରା ଜଣେ ଖାଦ୍ୟକୁ କମ୍ ଚୋବାଇ ଥାନ୍ତି । ଖାଦ୍ୟ ଶୀଘ୍ର ପାଚନତନ୍ତ୍ରକୁ ଆସିବା ଦ୍ୱାରା ଏଥିରୁ ପୋଷକତତ୍ତ୍ୱ ମଧ ଠିକ୍ ଭାବେ ଅବଶୋଷିତ ହୋଇପାରେ ନାହିଁ । ଏଥିଯୋଗୁଁ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ ।

ମେଦବୃଦ୍ଧି: ଯେତେବେଳେ ଆମେ ଭୂମି ଉପରେ ବସି ଖାଦ୍ୟଗ୍ରହଣ କରୁ, ସେତେବେଳେ ଜଣେ କେବଳ ଖାଦ୍ୟ ଉପରେ ମନୋନିବେଶ କରିଥାଏ । ଠିଆ ହୋଇ ଖାଇବାବେଳେ ଜଣେ ଏତେତେଣେ ବୁଲୁଥାଏ, ଖାଦ୍ୟରେ ମନ ନଥାଏ । ଫଳରେ ଜଣେ ଆବଶ୍ୟକତାଠାରୁ ଅଧିକ ଖାଇଥାଏ । ଏଥିଯୋଗୁଁ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇପାରନ୍ତି ।

# ପତଳା ହେବାକୁ ରାତି ଖାଇବା ବନ୍ଦ କରୁଛନ୍ତି କି ? ହୋଇପାରେ ମାରାତ୍ମକ ସମସ୍ୟା



ଅନେକ ଲୋକ ଓଜନ କମାଇବାକୁ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି । ଏହା ସହ କିଛି ଲୋକ ଓଜନ କମାଇବାକୁ ରାତି ଖାଇବାକୁ ବନ୍ଦ କରିଦେଉଛନ୍ତି । ହେଲେ ଏହାଦ୍ୱାରା ଶରୀର ପାଇଁ କେତେ ସମସ୍ୟା ସୃଷ୍ଟିହୁଏ ତାହା ଜାଣିଲେ ବୋଧହୁଏ କେହି ଏପରି ଭୁଲ କରିବେ ନାହିଁ ।

ରାତି ଖାଇବା ଛାଡିବା ଦ୍ୱାରା ଶରୀର ଦୁର୍ବଳ ହେବା ସହ ଗୁରୁତର ରୋଗ ସୃଷ୍ଟି ହୁଏ । ରାତିରେ ଖାଇବା ବନ୍ଦ କଲେ ନିଦ ଠିକ ଭାବେ ହୁଏ ନାହିଁ । କାରଣ ରାତି ବଢିବା ସହ ପେଟରେ ଖାଦ୍ୟ ନଥିବାରୁ ଭୋ୍ ଲାଗିଥାଏ । ଫଳରେ ନିଦରେ ବାଧା ସୃଷ୍ଟି ହୋଇଥାଏ । ଠିକ ଭାବେ ନିଦ ନହେବା କାରଣରୁ ଏହାର ପ୍ରଭାବ ପୁରା ଶରୀର ଉପରେ ପଡିଥାଏ ।

ଅଧିକାଂଶ ସମୟରେ ଲୋକେ ନିଜର ଓଜନ କମ କରିବା ପାଇଁ ରାତି ଖାଦ୍ୟ ଛାଡିଥାନ୍ତି । ଏହାଦ୍ୱାରା ଶରୀର ଧିରେ ଧିରେ ଦୁର୍ବଳ ହୋଇଯାଏ । ତେଣୁ ରାତି ଖାଦ୍ୟ କେବେବି କ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ସହ ମାନସିକ ସ୍ତରରେ ମଧ ଏହାର କୁପ୍ରଭାବ ପଡିଥାଏ ।

ରାତିରେ ଖାଦ୍ୟ ନଖାଇବା ଦ୍ୱାରା ପେଟ ଦରଜ ସମସ୍ୟା ସୃଷ୍ଟି ହୁଏ । ବରଂ ରାତି ଖାଦ୍ୟ ନଛାଡି ଓଜନ କମାଇବାକୁ ଫାଇବର ଯୁକ୍ତ ହାଲକା ଖାଦ୍ୟ ଗ୍ରହଣ କରନ୍ତୁ ।

ଶରୀରକୁ ସ୍ଲିମ ରଖିବାକୁ ଓ ମୋଟାପଣ କମ କରିବାକୁ ରାତି ଖାଦ୍ୟ ନଖାଇବା ସମାଧାନର ବାଟ ନୁହେଁ । ରାତି ଖାଦ୍ୟ ନଖାଇଲେ ଓଜନ ସିନା କମିଯାଏ ହେଲେ କୁପୋଷଣ ଭଳି ସମସ୍ୟା ସୃଷ୍ଟି ହୁଏ ।

ତେଣୁ ଫିଟ ରହିବାକୁ ଚାହୁଁଥିଲେ ଓ ଓଜନ କମାଇବାକୁ ଚାହୁଁଥିଲେ ଠିକ୍ ସମୟରେ ଉଚିତ ପରିମାଣର ଖାଦ୍ୟ ଖାଇବା ସହ ଶରୀରିକ ପରିଶ୍ରମ ତଥା ଯୋଗ ପ୍ରାଣାୟାମ କରିବାକୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ କରନ୍ତୁ । ଏହା ହିଁ ସର୍ବୋତ୍କୃଷ୍ଟ ଉପାୟ ।

# ଜୋତା ଦ୍ୱାରା ପ୍ରଭାବିତ ହୁଏ ସ୍ୱାସ୍ଥ୍ୟ: ଏ ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ କଥା

ଅନେକ ସମୟରେ ଅଧିକାଂଶ ଲୋକେ ଜୋତା ବାହାର ନକରି ଘର ଭିତରକୁ ଚାଲିଆସନ୍ତି । କେବଳ ଆଧାତ୍ମିକ ଦୃଷ୍ଟିରୁ ନୁହେଁ ବରଂ ବିଜ୍ଞାନ ସମ୍ମତ କାରଣରୁ ମଧ ଏହା କ୍ଷତିକାରକ । ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଜୋତା ମାଧ୍ୟମରେ ଅନେକ ଜୀବାଣୁ ଘର ଭିରକୁ ପ୍ରବେଶ କରିବା ସହ ଅନେକ ପ୍ରକାର ରୋଗ ମଧ ଦେଖାଯାଏ । ଆରିଜୋନା ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ପାଖାପାଖି ୪୦ ହଜାରରୁ ଅଧିକ ବ୍ୟାକ୍ଟେରିଆ ଥାଆନ୍ତି । ଏହି ଜୀବାଣୁ ମଣିଷର ରକ୍ତ ଓ ପଶୁମାନଙ୍କ ମଳରେ ଥାଏ । ଏହାବ୍ୟତୀତ ୬ଟି ହାନୀକାରକ ବ୍ୟାକ୍ଟେରିଆ ହେଉଛି ଇ-କୋଲି, କ୍ଲେବସିଏଲା, ନିମୋନିଆ, ସେରାଟିୟା, ଓ ଫକିରିଆ ପରି ବ୍ୟାକ୍ଟେରିଆ। ଏହି ସବୁ ଜୀବାଣୁ ଜୋତା ଦ୍ୱାରା ଘର ଭିତରେ ପ୍ରବେଶ କରି ଖାଦ୍ୟ ପଦାର୍ଥ, ପାଣି, ଆସବାବପତ୍ର ଓ





ପୋଷାକରେ ଲାଗିଯାନ୍ତି । ଫଳରେ ନିଃଶ୍ୱାସ ଜନିତ ରୋଗ ସହ ୟୁରିନ୍ ଇନଫେକ୍ସନ୍, ଲିଭର ସଂକ୍ରମଣ ଓ ତ୍ୱଚାରେ ସମସ୍ୟା ଦେଖାଯାଏ । ଆମେରିକା ସ୍ଥିତ 'ଏନଭାଇରନମେଣ୍ଟ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ଦ୍ୱାରା କରାଯାଇଥିବା ଆଉ ଏକ ଗବେଷଣାରୁ ଜଣାପଡିଛି ଯେ, ବାହାରେ ପିନ୍ଧାଯାଉଥିବା ଜୋତାରେ ଏକ ପ୍ରକାର ଟକ୍ସିନ୍ ଥାଏ, ଯାହାକି ଅବସାଦ,ହଜମ ସମ୍ପର୍କିତ ସମସ୍ୟା ସୃଷ୍ଟି କରେ । ଏହାସହ ଦୃଷ୍ଟି ଶକ୍ତି ଉପରେ ମଧ ପ୍ରଭାବ ପକାଏ । ତେଣୁ ବାହାରେ ବ୍ୟବହାର କରୁଥିବା ଜୋତାକୁ କେବିବି ଘର ଭିତରକୁ ଆଣନ୍ତୁ ନାହିଁ । କେବଳ ଏତିକି ନୁହେଁ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ଗୋଡ ଧୋଇ ପ୍ରବେଶ କରିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

# ପରିସ୍ରାରେ ରକ୍ତ ପଡ଼ିବା କେତେ କ୍ଷତିକାରକ ? କେଉଁ ରୋଗର ଲକ୍ଷଣ ଚିହ୍ନାଏ ଏବଂ ଖାମଖିଆଲ କଲେ ଏହା ଶରୀରକୁ କେତେ କ୍ଷତି ପହଞ୍ଚାଏ , ଜାଣିରଖନ୍ତୁ

ଯୌନାଙ୍ଗ ସମ୍ବନ୍ଧୀତ ସମସ୍ୟାକୁ ଲାଜ ଭାବି ଆମେ ଅନ୍ୟ ଆଗରେ ପ୍ରକାଶ କରିବାକୁ ବେଳେବେଳେ କୁଣ୍ଠାବୋଧ କରୁ । ଖାଲି ଏତିକି ନୁହେଁ ଡାକ୍ତରଙ୍କ ପରାମର୍ଶ ନେବାକୁ ଗଲା ବେଳେ ବି ଆଜି ଯିବି କାଲି ଯିବି କହି ସମୟ ଗଡ଼ାଉ । କିନ୍ତୁ ଏଭଳି କରିବା ଯେ ପରମୁହୂର୍ତ୍ତରେ ନିଜକୁ ଭାରି ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମୟ ଥାଉ ଥାଉ ସମସ୍ୟାର ସମାଧାନ ନ ଖୋଜିଲେ ନେଡ଼ି ଗୋଡ଼ କହୁଣିକୁ ବୋହିଗଲା ଭଳି ସାର ହେବ । ବ୍ରିଟେନର ଜଣାଶୁଣା ଡାକ୍ତର ମିରିୟମ୍ ଷ୍ଟୋପାର୍ଡଙ୍କ ମୁତାବକ,



କିଛି ଲୋକଙ୍କ ୟୁରିନରେ ରକ୍ତ ବାହାରିବା ଭଳି ସମସ୍ୟା ଦେଖାଯାଏ । ଯାହା ଏକ ଗମ୍ଭୀର ରୋଗର ଲକ୍ଷଣ ମଧ ହୋଇଥାଇପାରେ ତେଣୁ ପରିସ୍ରା କରିବା ସମୟରେ ଆମକୁ ଏ ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଡାକ୍ତର ଷ୍ଟୋପାର୍ଡ ଏକ ଆର୍ଟିକଲରେ ଲେଖିଛନ୍ତି ଯେ , ଜଣେ ବାନ୍ଧବୀ ବ୍ୟତିବ୍ୟସ୍ତ ହୋଇ ତାଙ୍କୁ ଥରେ ଫୋନ୍ କରି ପରିସ୍ରାରେ ରକ୍ତ ଆସୁଥିବା କଥା କହିଥିଲେ । ଷ୍ଟୋପାର୍ଡ ତାଙ୍କୁ ପ୍ରଶ୍ନ କରିଥିଲେ ଯେ , କ'ଣ ସେ ଖାଦ୍ୟରେ ବିଟ୍ ଖାଇଥିଲେ ? ବାନ୍ଧବୀଙ୍କ ଉତ୍ତର ଥିଲା ହଁ । ଏହାର ଉତ୍ତରରେ ସେ କହିଥିଲେ ଯେ ବେଳେବେଳେ ବିଟ୍ ଖାଇବା ପରେ ପରିସ୍ରାର ରଙ୍ଗ ଗୋଲାପୀ ହୋଇଯାଏ ଯାହା ରକ୍ତ ଭଳି ଦେଖାଯାଏ । ବିଟ୍ ର ରଙ୍ଗ ଲାଲ୍ ହେବା କାରଣରୁ ଏହା ପରିସ୍ରାରେ ସମାନ ମାତ୍ରାରେ ଖେଳେଇ ହୋଇଯାଏ । ଯେତେବେଳେ ପରିସ୍ରା, ପ୍ରୋଷ୍ଟେଟ୍ ବା କିଡନି କ୍ୟାନ୍ସରର ପରୀକ୍ଷା କରାଯାଏ । ଅସଲ ସମସ୍ୟା କ'ଣ ଜଣାପଡିଥାଏ । ବ୍ଲେଡର୍ କ୍ୟାନ୍ସରର ସାଧାରଣ ଲକ୍ଷଣ ହେଉଛି ପରିସ୍ରାରେ ରକ୍ତ ଆସିବା । ଯାହାକୁ 'ହିମେଟ୍ୟୁରିଆ' ମଧ କୁହାଯାଏ । ଡାକ୍ତରଙ୍କ କହିବାନୁସାରେ , ବ୍ଲେଡର୍ କ୍ୟାନ୍ସରରେ ପାଖାପାଖି ୮୦ % ରୋଗୀଙ୍କ ମଧ୍ୟରେ ଏହି ସମସ୍ୟା ଦେଖିବାକୁ ମିଳିଥାଏ । ଯେଉଁ ବ୍ୟକ୍ତିଙ୍କ ପରିସ୍ରାରେ ରକ୍ତ ଆସୁଛି ସେ ବ୍ଲେଡର୍ କ୍ୟାନ୍ସରରେ ପୀଡ଼ିତ ଅଛନ୍ତି ବୋଲି କିଛି ମାନେ ନାହିଁ । ଏହାର ଅନ୍ୟ କିଛି କାରଣ ମଧ ହୋଇଥାଇପାରେ। ବଢ଼ୁଥିବା ପ୍ରୋଷ୍ଟେଟ୍ , ପରିସ୍ରାମାର୍ଗରେ ସଂକ୍ରମଣ (ୟୁଟିଆଇ) କିମ୍ବା ଅଧିକ ବ୍ୟାୟାମ କାରଣରୁ ମଧ ଏଭଳି ସମସ୍ୟା ଦେଖାଦେଇଥାଏ । ୟୁଟିଆଇର ସଂକେତ ପରିସ୍ରା କରିବାରେ କଷ୍ଟ, ପରିସ୍ରା ରଙ୍ଗ ପରିବର୍ତ୍ତନ, ବାରମ୍ବାର ପରିସ୍ରା ଲାଗିବା ଏବଂ ରୋକି ନ ପାରିବା ଭଳି ସମସ୍ୟା ହୋଇଥାଇପାରେ । ବ୍ୟାୟାମ, ଦୌଡ଼, ସନ୍ତରଣର ମାତ୍ରା ଅଧିକ ସମୟ ଧରି କରିଲେ ମଧ ପରିସ୍ରାରେ ରକ୍ତ ବାହାରିଥାଏ । ଏହା ଦିନେ, ୨ ଦିନ ଭିତରେ ଠିକ୍ ମଧ ହୋଇଯାଏ । କିଛି ଖାଦ୍ୟ କିମ୍ବା ଔଷଧ କାରଣରୁ ମଧ ପରିସ୍ରାର ରଙ୍ଗ ଲାଲ୍ ହୋଇଯାଏ । ବ୍ଲାକବେରୀ , ବିଟ୍, ରେଡଫୁଡ୍ ଭଳି ଖାଦ୍ୟପଦାର୍ଥ ଖାଇଲେ ପରିସ୍ରାର ରଙ୍ଗ ଗୋଲାପୀ କିମ୍ବା ନାଲି ହୋଇଯାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ମଇ ୨୦୨୫, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାମ୍ପ୍ରତିକ ବିଶ୍ୱ ଓ ସନ୍ତ୍ରାସବାଦ

ଆତଙ୍କବାଦୀଙ୍କ ବର୍ବରକାଣ୍ଡର ମର୍ମବେଦନା ପୁଣି ଥରେ ଭାରତବାସୀ ଅନୁଭବ କରିଛନ୍ତି। କାଶ୍ମୀର ପହଲଗାମ୍‌ରେ ଘଟିଥିବା ଏହି ଦାରୁଣ ଘଟଣା ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧଭଳି ସ୍ଥିତି ଓ ଉତ୍ତେଜନା ସୃଷ୍ଟି କରିଛି। ଅବଶ୍ୟ ଆଶ୍ୱାସନାର ବିଷୟ ଯେ ଏହା ଭୀଷଣ ଯୁଦ୍ଧର ରୂପ ନେବା ପୂର୍ବରୁ ଆପୋସ ଆଲୋଚନା ମାଧ୍ୟମରେ ଅସ୍ତ୍ରବିରତି ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି। କିନ୍ତୁ ଏହାପଛରେ ଯେଉଁ ମୂଳ କାରଣ ରହିଛି ତାହାର ଅନ୍ତ ନ ହେବା ପର୍ଯ୍ୟନ୍ତ ଏଭଳି ଯୁଦ୍ଧଭଳି ପରିସ୍ଥିତି ସୃଷ୍ଟି ହୋଇଚାଲିଥିବ ଏବଂ ନିରୀହ ଜନଜୀବନ ପ୍ରଭାବିତ ହେଉଥିବ। ଏହା କେବଳ ଭାରତର ସମସ୍ୟା ନୁହେଁ। ଆଜିକାଲି ବିଶ୍ୱର ଯେକୌଣସି ଅଞ୍ଚଳରେ କେଉଁଠି ନା କେଉଁଠି ଏଭଳି ଆତଙ୍କବାଦୀଙ୍କ ହିଂସାକାଣ୍ଡ ଦେଖିବାକୁ ଓ ଶୁଣିବାକୁ ମିଳୁଛି। ବର୍ତ୍ତମାନ ବିଶ୍ୱବାସୀ ସନ୍ତ୍ରାସବାଦର କଠୋର କଷାଘାତରେ ସନ୍ତାପିତ। ତେଣୁ ସର୍ବତ୍ର ଭୟର ବାତାବରଣ ଆଚ୍ଛନ୍ନ କରି ରଖିଛି। ସେମାନଙ୍କ ଦଂଶନରୁ ନିରୀହ ନିଷ୍ପାପ ଶିଶୁ ଓ ମହିଳା ମଧ୍ୟ ବାଦ୍ ଯାଉନାହାନ୍ତି। ବିଡ଼ମ୍ବନା ଯେ କେତେକ ଦେଶ ସନ୍ତ୍ରାସବାଦୀମାନଙ୍କୁ ଅଭୟ ଦେଇ ନିଜ ରାଜ୍ୟରେ ପୋଷି ରଖିଛନ୍ତି। ତାହା ସେମାନଙ୍କ ପାଇଁ ବୁମେରାଂ ହେଲେ ମଧ୍ୟ ଚେତନା ଜାଗ୍ରତ ହେଉନାହିଁ। ଆହୁରି ଉଦ୍‌ବେଗଜନକ ବିଷୟ ହେଲା ଯୁବଗୋଷ୍ଠୀ ଏହି ସନ୍ତ୍ରାସବାଦ କାର୍ଯ୍ୟରେ ଯୋଗଦାନ କରିବାର ଦେଖାଯାଉଛି। ଶିକ୍ଷାଦୀକ୍ଷା ସତ୍ତ୍ୱେ ଚାକିରି ନମିଳିବା ଯୋଗୁଁ ସେମାନେ ଭଗ୍ନ ମନୋରଥ ହୋଇ କିଛି ଅର୍ଥ ପ୍ରାପ୍ତି ଆଶାରେ ଏ କାର୍ଯ୍ୟରେ ଯୋଗଦାନ କରୁଛନ୍ତି। ସମ୍ପ୍ରତି ପାଠପଢ଼ାଟି ଜୀବିକାର ସାଧନ ହୋଇ ଯାଇଥିବାରୁ ସମସ୍ତେ ଜୀବିକା ପାଇଁ ପାଠ ପଢୁଛନ୍ତି। ଜୀବନ ପାଇଁ ପଢ଼ିବାର ଅର୍ଥ ଜ୍ଞାନ ଆହରଣ କରିବା। ଏହାଦ୍ୱାରା ମଣିଷ ସ୍ୱାଧୀନତାକୁ ଅନୁଭବ କରିବା ପାଇଁ ସମର୍ଥ ହୁଏ। ଜୀବନର ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ। ମନୁ ସ୍ମୃତିରେ କୁହାଯାଇଛି- 'ଧର୍ମ ଏବ ହତୋ ହନ୍ତି, ଧର୍ମୋ ରକ୍ଷତି ରକ୍ଷିତଃ'। ଅର୍ଥାତ ଧର୍ମକୁ ହତ୍ୟା କଲେ, ଧର୍ମ ହତ୍ୟାକରେ। ଧର୍ମକୁ ରକ୍ଷା କଲେ ଧର୍ମ ରକ୍ଷା କରେ। ଯୁବପିଢ଼ି ପଥଭ୍ରଷ୍ଟ ହୋଇ ଅପଥ ବା ଅଧର୍ମରେ ପାଦ ଥାପୁଛନ୍ତି। ଭାଗବତରେ କୁହାଯାଇଛି- 'ବେଦ ବିହିତ ଯେତେ କର୍ମ, ସେହି ସଂସାରେ ନିତ୍ୟ ଧର୍ମ / 'ତା' ବିନା ଅନ୍ୟ କର୍ମ ଯେତେ, ଅଧର୍ମ ବୋଲନ୍ତି ଜଗତେ'। ଯୁବପିଢ଼ି ଯେତେବେଳେ ଜୀବିକା ପାଇଁ ପାଠ ପଢୁଛନ୍ତି, ସେତେବେଳେ ଜ୍ଞାନହୀନ ଭାବରେ ବେଦବିହିତ କର୍ମକୁ ସ୍ମରଣ କରିପାରୁନାହାନ୍ତି। ତେଣୁ ସେମାନଙ୍କର ଚିନ୍ତାଚେତନା ନଷ୍ଟ ହୋଇଯାଉଛି। ନଷ୍ଟ ହେବା ବ୍ୟକ୍ତିର ଆଉ ଗତି କ'ଣ? ଲୋକ ଚରିତ୍ର ଭାବେ ଅଧୋମୁଖୀ। ଆଚରଣ ଆଉ ଉଚାରଣ ମଧ୍ୟରେ ପ୍ରବଳ ପାର୍ଥକ୍ୟ। ଗତ ଏପ୍ରିଲ ମାସରେ କାଶ୍ମୀରର ପହଲଗାମ୍ ପାକିସ୍ତାନ ସେନାର ପ୍ରାୟୋଜିତ ଯେଉଁ ଆତଙ୍କବାଦୀ ଆକ୍ରମଣ ହେଲା, ତାହା ଅତ୍ୟନ୍ତ ନିନ୍ଦନୀୟ। ଶାନ୍ତିକାମୀ ଭାରତବାସୀଙ୍କୁ ବିଚଳିତ କରି ଭାରତବର୍ଷରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ପଡ଼ୋଶୀ ପାକିସ୍ତାନ ବହୁବାର ଆତଙ୍କୀ ଆକ୍ରମଣ କରି ଆସିଛି। ପହଲଗାମ୍‌ରେ ନରରାକ୍ଷସ ଆତଙ୍କବାଦୀମାନେ ଯେଉଁଭଳି ସାଧାରଣ ଲୋକଙ୍କ ଉପରେ ଧର୍ମ ପଚାରି ଅତର୍କିତ ଗୁଳିଚାଳନା କରି ହତ୍ୟା କଲେ, ତାହା ଅତ୍ୟନ୍ତ ବର୍ବରୋଚିତ। ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ, ସନ୍ତାନ ଆଗରେ ବୃଦ୍ଧ ପିତାଙ୍କୁ, ମା' ଆଗରେ ପୁଅକୁ ଆତଙ୍କବାଦୀମାନେ ଯେପରି ନୃଶଂସ ଭାବରେ ହତ୍ୟାକଲେ, ତାହା ଅତ୍ୟନ୍ତ ଦୁଃଖଦ। ବିଶ୍ୱ ସମୁଦାୟ ଏହି ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଶାନ୍ତିପ୍ରିୟ ଭାରତ ବର୍ତ୍ତମାନ ସନ୍ତ୍ରାସବାଦୀମାନଙ୍କୁ ସମୂଳେ ନିପାତ ପାଇଁ ଅଗ୍ରସର ହୋଇ ଅନେକ ପଦକ୍ଷେପ ଗ୍ରହଣ କରୁଛି। ପ୍ରତିକ୍ରିୟା ପଦକ୍ଷେପ ସ୍ୱରୂପ ଭାରତରେ ଭିସା ନଥିବା ପାକିସ୍ତାନୀମାନଙ୍କୁ ୨୪/୪୮ ଘଣ୍ଟା ମଧ୍ୟରେ ବାହାର କରି ଦେଲା। ଅଟାରୀ, ୱାଘା ସୀମାରେ ଯେଉଁ କାରୁଣ୍ୟ ଦୃଶ୍ୟ ଦେଖିବାକୁ ମିଳିଲା ତାହା ମର୍ମବିଦାରକ। ଅଶିବର୍ଷର ବୃଦ୍ଧ, ପୁଅ, ଝିଅ, ନାତି, ନାତୁଣୀମାନଙ୍କୁ ଛାଡ଼ି ଅଶ୍ରୁଳ ନୟନରେ ଅଟାରୀ ସୀମାରେ ଠିଆ ହୋଇଛି। ଲୋତକରେ ତା'ର ବକ୍ଷ ତିନ୍ତି ଯାଉଛି। ଏ ବୟସରେ ଗଲେ ପାକିସ୍ତାନରେ କେଉଁଠି ରହିବ? କିଏ ତା'ର ଅଛି ସେଠାରେ? ସ୍ତ୍ରୀ, ସ୍ୱାମୀଙ୍କୁ, ପୁତ୍ରପିତାଙ୍କୁ ମାତା ତା'ର ପ୍ରିୟ ସନ୍ତାନମାନଙ୍କୁ ଛାଡ଼ି ଲୁହ ପୋଛିପୋଛି ବିଦାୟ ଦେଉଛି। ଭିସା ନ ଥିଲେ ଯିବାକୁ ବାଧ୍ୟ। ଏ ପରିସ୍ଥିତି ସୃଷ୍ଟି ମୂଳରେ ହିଁ ଆତଙ୍କବାଦ ଓ ପ୍ରଭୁତ୍ୱବାଦ। ଶାଶୂ ଘରକୁ ଝିଅଟିଏ ଯାଉଥିବା ସମୟରେ ଆତ୍ମୀୟ ସ୍ୱଜନ, ଗାଁ ଗଣ୍ଡା, ଘରଦ୍ୱାର, ସାଙ୍ଗସାଥି, ବିଲବଣ ମନେ ପଡ଼େ, ଠିକ୍ ସେହିପରି ବିଦାୟ ନେବା ଲୋକ ଏବଂ ବିଦାୟ ଦେବା ଲୋକ ସମସ୍ତେ କାନ୍ଦୁଛନ୍ତି। ପରମାଣୁ ଶକ୍ତିର ଉଦ୍ଭାବନ ପରେ କିଛି ଦେଶର ଔଦ୍ଧତ୍ୟ ବଢ଼ିଯାଇଛି। ଅନ୍ୟ ଦେଶକୁ ପରମାଣୁ ଅସ୍ତ୍ରର ଧମକ ଦେଇ ଭୟଭୀତ କରିବାକୁ ଚେଷ୍ଟା କରୁଛି। ପାକିସ୍ତାନ ମଧ୍ୟ ଭାରତକୁ ପରମାଣୁ ଅସ୍ତ୍ରର ଧମକ ଦେଉଛି। କିନ୍ତୁ ଉଭୟ ଦେଶ ପରମାଣୁ ଶକ୍ତି ସମ୍ପନ୍ନ। ପରମାଣୁ ଅସ୍ତ୍ରର ଭୟାବହତା ସ୍ୱଚକ୍ଷୁରେ ଦେଖି ମଧ୍ୟ ମଣିଷର ଜ୍ଞାନ ଉଦୟ ହେଉନାହିଁ। ଏହି ଉଦ୍ଧତ ମଣିଷ ଏବେ ତା'ର ଲାଭକ୍ଷତି କଳନା କରୁ। ମାନବ ସମାଜର କଲ୍ୟାଣ କଳ୍ପେ ପରମାଣୁ ଶକ୍ତି ଉଦ୍ଭାବିତ ହୋଇଥିଲା। ବିଶ୍ୱର ବିକାଶ ପାଇଁ ଏହାର ସୃଷ୍ଟି। କିନ୍ତୁ ଏବେ ଏହା ବିଶ୍ୱର ବିନାଶ ପାଇଁ ବ୍ୟବହୃତ ହେଉଛି। ଏହାକୁ କେହି କେହି ଯୁଗର ପ୍ରଭାବ ତଥା କର୍ମଫଳ ବୋଲି କହନ୍ତି। ଈଶ୍ୱରଙ୍କ ଉପରେ ନିର୍ଭର ନ କରି ନିଜ କର୍ମର ବୈଧତା ଉପରେ ଜୋର ଦେବା ପାଇଁ ଋଷିଜୈମିନୀ ମୀମାଂସା ଦର୍ଶନର ସୂତ୍ର ପ୍ରଣୟନ କରିଛନ୍ତି। ସେ କହନ୍ତି କର୍ମ, କର୍ମର ସଂସ୍କାର ଓ କର୍ମଫଳ ଗୋଟିଏ ସୂତ୍ରରେ ବନ୍ଧା। କର୍ମଫଳ କେହି ଦିଅନ୍ତି ନାହିଁ। ଏହି ତ୍ରିସୂତ୍ରୀ ଜରିଆରେ ଏହା ମିଳିଥାଏ। ଏବେ ସମସ୍ତେ ନିଜକୁ ବଡ଼ ବୋଲି ପ୍ରମାଣିତ କରିବା ପାଇଁ ପ୍ରତିଯୋଗିତା ଚାଲିଛି। ଅସ୍ତ୍ର, ଶସ୍ତ୍ର, ଧନ ସବୁ ବଳରେ ନିଜକୁ ଅନ୍ୟ ଦେଶଠାରୁ ଶ୍ରେଷ୍ଠ ହେବାର ଦୁର୍ବାର ବାସନା ସମସ୍ତଙ୍କ ମନରେ ଘାରିଛି। ସମସ୍ତେ ସେହି ଦିଗକୁ ଧାବିତ। ଯୁଆଡ଼େ ବାସ୍ତବରେ ବିକାଶ ନାହିଁ, ବିନାଶ ହିଁ ପ୍ରଚ୍ଛନ୍ନ ଭାବରେ ରହିଛି।

# ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସ୍ମରଣେ

### ଡକ୍ଟର ଲକ୍ଷ୍ମଣ ସାହୁ

କାବ୍ୟ ସରସ୍ୱତୀ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ରାଉତରାୟ ଜଣେ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ। ସେ ଦୀର୍ଘ ୭୫ବର୍ଷ ଧରି ସାହିତ୍ୟ ରଚନାରେ ବ୍ରତୀଥିଲେ। ତାଙ୍କ ରଚନାସମୂହ ମୁଖ୍ୟତଃ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ। ତାଙ୍କୁ ଓଡ଼ିଆ ସାହିତ୍ୟରେ 'ଅତ୍ୟାଧୁନିକତା'ର ଯୁଗ ପ୍ରବର୍ତ୍ତନର ଶ୍ରେୟ ଦିଆଯାଏ। ସେ ଓଡ଼ିଆରେ କେବଳ ନୁହେଁ ଇଂରାଜୀ ଭାଷାରେ ସେ ଚାଳିଶରୁ ଅଧିକ ପୁସ୍ତକ ରଚନା କରିଥିଲେ। ତାଙ୍କର ସୃଷ୍ଟି ସର୍ଜନା ପାଇଁ ୧୯୮୬ରେ ଭାରତ ସରକାରଙ୍କଠାରୁ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ତାହା କେବଳ ନୁହେଁ 'ମାଟିର ଦ୍ରୋଣ', 'କବିଗୁରୁ', 'ମାଟିର ମହାକବି', 'ସମୟର ସଭାକବି' ପ୍ରଭୃତି ବିଭିନ୍ନ ଶ୍ରଦ୍ଧାନାମରେ ସେ ଲୋକପ୍ରିୟତା ଲାଭ କରି ପାରିଛନ୍ତି। ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ବାସ୍ତବରେ ସେ ଏକ ଅଗ୍ନିସ୍ଫୁଲିଙ୍ଗ, ଏକ ଲାଭା ସ୍ରୋତ, ଧ୍ୱଂସର ଧୂର୍ଜଟୀ। ସେ ପୁଣି ଏକ ଶୀତଳ ପୂର୍ଣ୍ଣିମା, ଏକ କୋମଳ ଶତଦଳ, ଏକ ବିମୁଗ୍ଧ ବିଶ୍ୱକର୍ମା, ଶରତର ଶୁଭ୍ର ଶିଶିର। କହିବାକୁ ଗଲେ ଅସଲରେ ସେ ହେଉଛନ୍ତି ମହାକବି ସଚ୍ଚିଦାନନ୍ଦ ରାଉତରାୟ। ଏହି ଖ୍ୟାତନାମା କବି ୧୯୧୩ ମସିହା ମଇ ମାସ ୧୩ ତାରିଖ ଦିନ ଖୋର୍ଦ୍ଧା ସହର ଉପକଣ୍ଠସ୍ଥ ଗୁରୁଜଙ୍ଗ ଗ୍ରାମରେ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଜନ୍ମ।

ସେ ଚାଟଶାଳୀରେ ପଢ଼ିବା ବେଳେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ବ୍ରିଟିଶ ସରକାର ବିପକ୍ଷରେ ଲଢ଼ି ସେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ ଓ ତା'ପରେ ବଙ୍ଗପ୍ରଦେଶରେ ପିଲାବେଳ କାଟିଥିଲେ। ମାତ୍ର ଏଗାର ବର୍ଷ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ। ସ୍ୱାଧୀନଚେତା ଲେଖା ପାଇଁ ତାଙ୍କର ଦୁଇଟି କବିତା ୧୯୩୯ରେ ରକ୍ତଶିଖା ଓ ୧୯୪୩ରେ ଉଠ ଜାଗ ଭୋକବନ୍ଦୀକୁ ବ୍ରିଟିଶ ସରକାର ଜନସାଧାରଣଙ୍କ ପାଖରେ ପହଞ୍ଚିବାରୁ ରୋକିଦେଇଥିଲେ। ସେହିଭଳି ବାଜି ରାଉତ କବିତାରେ ଏହି ହୁଙ୍କା ପିଟା ଶାସନ ବିରୁଦ୍ଧରେ ବିରୋଧ କରିବାର ଆହ୍ୱାନ ' ନୁହେଁ ବନ୍ଧୁ ନୁହେଁ ଏହା ଚିତା/ ଏଦେଶ ତିମିର ତଳେ/ ଏ ଅଲିଭା ମୁକତି ସଳିତା/ ନୁହେଁ ଏହା ହଜିଯିବା ପାଇଁ/ ଏହାର ଜନମ ଏଠି ଜାଳିପୋଡି ଦବାକୁ ଧସାଇ।'

୧୯୩୮ରେ ତାଙ୍କ ଦ୍ୱାରା ଲିଖିତ ଏହି କାବ୍ୟ ବାଜି ରାଉତକୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ ନାଉରିଆ ପିଲା ଓ ଅନ୍ୟାନ୍ୟ କବିତା ନାମରେ ଅନୁବାଦ କରିଥିଲେ। ଯାହା ଫଳରେ କବି ସଚ୍ଚି ରାଉତରାୟ ଭାରତର ଜଣେ ସ୍ୱନାମଧନ୍ୟ କବି ଭାବେ ପ୍ରତିଷ୍ଠିତ ଦେଇଥିଲା। ରାଜନୈତିକ ଚରମପନ୍ଥୀ ଥିବାରୁ ରେଭେନ୍ସା ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା, ରାଉତରାୟଙ୍କୁ ରେଭେନ୍ସା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭରୁ ବଞ୍ଚିତ କରିଥିଲେ। ସେହି ସମୟରେ ଉଚ୍ଚ ଗୋଳାପଲ୍ଲୀର ତେଲୁଗୁ ରାଜଜେମା ଭୂଦେବୀଙ୍କୁ ସେ ବିବାହ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ।

୧୯୨୮ ମସିହାରେ ୧୫ ବୟସରୁ ସଚ୍ଚି ରାଉତରାୟଙ୍କ କବିତା ରଚନାର ଆରମ୍ଭ କରିଥିଲେ। ମାତ୍ର ୧୭ ବର୍ଷ ବୟସରେ ନବୀନ ପତ୍ରିକାରେ 'ଭଗବାନ ଅଛ କାହିଁ' ପ୍ରଥମ ପ୍ରକାଶିତ କବିତାରେ ସାମ୍ୟବାଦୀ ମାର୍କ୍ସୀୟ ଚେତନା ରହିଥିଲା। ଏହି କବିତାଟି ପରେ ଅଭିଯାନ କବିତା ଗ୍ରନ୍ଥରେ ପ୍ରକାଶ ପାଇଛି। କବିତାର ଏକ ନୂତନ ଛନ୍ଦର ଐତିହାସିକ ପ୍ରୟୋଗ ସମ୍ପର୍କରେ ପାଂଡୁଲିପି କବିତା ଗ୍ରନ୍ଥର ନାନ୍ଦୀମୁଖୀରେ ସେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ୧୯୪୩ରେ କବିଙ୍କ 'ବାଜି ରାଉତ' କବିତା ସ୍ୱାଧୀନତା ଆନ୍ଦୋଳନ ପାଇଁ ପ୍ରେରଣା ଦେଇଥିଲା। ପାଂଡୁଲିପି ଓ 'ବାଜି ରାଉତ'ର ପୃଷ୍ଠଭୂମୀ ବିଦ୍ରୋହର ଆଦ୍ୟ ଧ୍ୱନି ପ୍ରତିଫଳିତ। ସେ ନିଜ ରଚନାରେ ପ୍ରତୀକ ଓ ଚିତ୍ରକଳ୍ପ ମଧ୍ୟ ପ୍ରୟୋଗ କରିଛନ୍ତି। ତାଙ୍କର କୋଡ଼ିଏରୁ ଅଧିକ କବିତା ସଙ୍କଳନ ପ୍ରକାଶିତ। ତାଙ୍କର କବିତା ଗ୍ରନ୍ଥ ଗୁଡ଼ିକ ମଧ୍ୟରେ ପାଥେୟ (୧୯୩୧, ପ୍ରଥମ କବିତା ଗ୍ରନ୍ଥ), ପୂର୍ଣ୍ଣିମା (୧୯୩୩), ଅଭିଯାନ (୧୯୩୮, ୧୯୪୮), ପଲ୍ଲୀଶ୍ରୀ (୧୯୪୧, ୧୯୪୦), ବାଜି ରାଉତ (୧୯୪୧), ପାଣ୍ଡୁଲିପି (୧୯୪୭), ହସନ୍ତ (୧୯୪୮), ଭାନୁମତୀର ଦେଶ (୧୯୪୯), ରକ୍ତଶିଖା (୧୯୪୯), ସ୍ୱାଗତ (୧୯୫୮), କବିତା (୧୯୬୨), କବିତା (୧୯୬୯), କବିତା (୧୯୭୧), କବିତା (୧୯୭୪), କବିତା (୧୯୮୩), କବିତା (୧୯୮୫), କବିତା (୧୯୮୭), କବିତା (୧୯୯୦), କବିତା (୨୦୦୩), ଛୋଟ ମୋର ଗାଁଟି ଓ ଅଭିଜ୍ଞାନ ଆଦି। ଏସବୁ ମଧ୍ୟରେ 'ଛୋଟ ମୋର ଗାଁଟି' ତାଙ୍କର ଏକ ଉଲ୍ଲେଖନୀୟ କବିତା। ତାଙ୍କର ଅନ୍ୟାନ୍ୟ ଜଣାଶୁଣା ରଚନା ମଧ୍ୟରେ ପଲ୍ଲୀଶ୍ରୀ, ପ୍ରତିମା ନାୟକ ଅନ୍ୟତମ।

ତାଙ୍କର ବହୁ କାବ୍ୟ କବିତା ଇଂରାଜୀ, ହିନ୍ଦୀ, ତେଲୁଗୁ ଓ ପଞ୍ଜାବୀ ଭାଷାକୁ ଅନୂଦିତ ହୋଇଛି। ଏକଦା ଛାତ୍ର ଆନ୍ଦୋଳନ ସମୟରେ ରେଭେନ୍ସା ମହାବିଦ୍ୟାଳୟ ଛାତ୍ର ପ୍ରଦୀପ୍ତ ମିଶ୍ରଙ୍କ ନିଧନ ପରେ ସେ 'ଚିରପ୍ରଦୀପ୍ତ' କବିତା ଓ ୧୯୭୧ରେ ଆରମ୍ଭ ହୋଇଥିବା ବଙ୍ଗଳାଦେଶ ମୁକ୍ତି ସଂଗ୍ରାମରେ ଆତ୍ମାହୁତି ଦେଇଥିବା ଛାତ୍ରୀ ରୋଶନାରାଙ୍କ ଉପରେ ଲେଖିଥିଲେ, 'ମୁଁ ତା'ର ଶବକୁ ଧରି କାନ୍ଧେ ମୋର, କରୁଅଛି ବିଶ୍ୱ ପ୍ରଦକ୍ଷଣ !' ସେ ବଙ୍ଗଳାଦେଶକୁ ଜଣେ ସାରସ୍ୱତ ରାଷ୍ଟ୍ରଦୂତ ଭାବରେ ଯାଇ ଏ କବିତାଟି ପାଠ କରିଥିଲେ। ତାଙ୍କ 'ଭାତ' କବିତାର ଏକ ପଙ୍କ୍ତି: ବଡ଼ ଭୋକ ବାବୁ ! /ବଡ଼ ଭୋକ ଆଜି ଖାଇବାକୁ ଦିଅ ଭାତ; / ହକ ପାଉଣା ଗଣ୍ଡାକ ପାଇଁ କେତେବି ପାତିବୁ ହାତ ? ଯେଉଁ ଧାନ ଆମେ ବୁଣିଲୁ କାଟିଲୁ ସେହି ଧାନ ଦିଅ ଆଣି; / ପୀଡ଼ିତ ଆତ୍ମା ଗର୍ଜି ଉଠଇ ଶୁଣ ତା' ବିପୁଳ ବାଣୀ।'

ପାଣ୍ଡୁଲିପି 'ର ପଶୁ କବିତାରେ ସମାଜର ଐତିହ୍ୟକୁ ଭାଙ୍ଗି ଦେବାକୁ କବି ରାଉତରାୟଙ୍କ ମୁଖ୍ୟ ଲକ୍ଷ୍ୟ। କାରଣ ସମାଜର ନିର୍ଯ୍ୟାତିତ, ଅବହେଳିତ, ସକଳ ପୀଡ଼ା ଏଥିରେ ପଶୁର ବିଗ୍ରହ ଏଥିରେ ଧାରଣ କରିଅଛନ୍ତି। ସମାଜର ପରାଙ୍ଗପୁଷ୍ଟ ଦଳର ଅତ୍ୟାଚାରରେ ଏମାନେ କ୍ଷୁଧିତ, ନିଷ୍ଠୁର, ରୁଚିହୀନ ଓ କ୍ଷିପ୍ତ। ନିଜର ଦାବୀ ହାସଲ ପାଇଁ ଏମାନେ ଉତ୍ କ୍ଷିପ୍ତ ଓ ପ୍ରତିହିଂସା ହୋଇ ଉଠିଛନ୍ତି। ଶାନ୍ତି ପ୍ରତିଷ୍ଠା ପାଇଁ ସେମାନେ ଗୋଟିଏ ବିକ୍ଷୋଭ ଚାହାନ୍ତି -' ଜୀବନ୍ତ ମୋର ସବୁ ଅନୁଭୂତି ଦେଇଥିଲା ପରା ଦଳି/ ପ୍ରତିଶୋଧ ତାର ନବା ପାଇଁ ଆଜି ଆସିଛି ମୁଁ ଅବତରି / ଆଜି ମୁଁ ଆସିଛି ପଶୁ ନିଶାଚର ମଣିଷର ଦାବି ଲାଗି/ ମଣିଷ କବରୁ ଜନ୍ମ ମୋରରେ ଧ୍ୱଂସେ ମୁଁ ଅନୁରାଗୀ। '

ତାଙ୍କର ଲୋକପ୍ରିୟ ଶ୍ରେଷ୍ଠ ଅମର ସୃଷ୍ଟି' ଛୋଟ ମୋର ଗାଆଁଟି' କବି ସଚ୍ଚିଦାନନ୍ଦଙ୍କର ଏକ କାଳଜୟୀ କବିତା। ଦୀର୍ଘ ଆଠ ଦଶନ୍ଧି ଧରି ଜନ୍ମଭୂମିର ମୁଗ୍ଧ ମହକ ତଥା ଏକାନ୍ତ ଅନ୍ତରଙ୍ଗ ଓ ଜୀବନ୍ତ ଚିତ୍ର ଥିବା, ଭାବ ଓ ଆବେଗର ବିମୁଗ୍ଧ ପ୍ରବାହ ଥିବା, ମାଟିର ସମ୍ମୋହନ ବାସ୍ନାଥିବା ଅନନ୍ୟ ଉଚ୍ଚାରଣ ଭାବେ ଏହି କବିତାଟି ଅଗଣିତ ପାଠକଙ୍କ ଦ୍ୱାରା ବେଶ୍ ଚର୍ଚ୍ଚିତ ଓ ଆଦୃତ ହୋଇଆସିଛି। ବିଶେଷକରି ଆଧୁନିକ ବିଶ୍ୱ-ମଣିଷ ନିଜ ଜନ୍ମଭୂମି ଓ ମାତୃଭୂମିକୁ ଭୁଲି ପ୍ରବାସୀ ଜୀବନ ଜିଉଁଛି। ପଲ୍ଲୀର ପ୍ରାଣବନ୍ତ ସଶ୍ରଦ୍ଧ କୋମଳ କୋଳକୁ ଧୂସର, କର୍କଶ ଓ ଅପାଂକ୍ତେୟ ମଣି କ୍ରମଶଃ ଭୁଲିଯିବାକୁ ବସିଛି ନିଜ ଗାଁର ବାସ୍ନା। ମାତ୍ର ମଣିଷର ଅସ୍ତିତ୍ୱର କେନ୍ଦ୍ରବିନ୍ଦୁ ଭାବେ ଜନ୍ମଭୂମିର ମହତ୍ତ୍ୱ ଅନନ୍ୟ। ନିଜ ପରିଚୟ ଓ ଅସ୍ମିତାର ଭିତ୍ତି ଭାବେ ଜନ୍ମଭୂମି ପଲ୍ଲୀ ଗାଆଁର ସ୍ଥାନ ଯୁଗେ ଯୁଗେ ଅସାଧାରଣ ମନେହୁଏ।

କବି ସଚ୍ଚିଦାନନ୍ଦ ରାଉତରାୟ ନିଜ ଗାଆଁକୁ କେବଳ ପ୍ରାଣଦେଇ ଭଲ ପାଇନାହାନ୍ତି। ବରଂ ସେ ତାହାର ଏଭଳି ଏକ ମନୋରମ, ଅକୃତ୍ରିମ, ବିମୁଗ୍ଧକର, ଜୀବନ୍ତ ଓ ପାର୍ଥିବୋତ୍ତର ଛବି ଆଙ୍କିଛନ୍ତି, ଯାହାକୁ ଯେ କେହି ପାଠକ ପଢ଼ିବା ପରେ ନିଜ ଗାଆଁକୁ ଝୁରି ହେବ ଓ ତାହା ମଣିଷ ହୃଦୟ ତଟରେ ସ୍ୱର୍ଗଠୁ ସୁନ୍ଦର ଓ ମହାର୍ଘ ପାଲଟି ଯିବ। ଏହି କବିତାରେ ଗ୍ରାମ ଜୀବନର ମନୋରମ ପ୍ରକୃତି ଠାରୁ ଆରମ୍ଭ କରି ଗ୍ରାମର ବିଭିନ୍ନ ବର୍ଗ ଓ ବୃତ୍ତିର ଲୋକଙ୍କ ଜୀବନାଦର୍ଶ ଓ ଜୀବନଯାପନ ଢଙ୍ଗର ପ୍ରାଣବଂତ କଳାତ୍ମକ ଉପସ୍ଥାପନା କବିତାଟିକୁ କରିଛି ଲୋକପ୍ରିୟ ଓ କାଳଜୟୀ। ହୃଦୟକୁ ଆବେଗ ଆପ୍ଲୁତ କରୁଥିବା ଏହା କବିଙ୍କର ଏକ ଅମଳିନ କାବ୍ୟିକ ସ୍ୱାକ୍ଷର। କବିତାଟିର ଭାବ, ଭାଷା, କଳା ଓ କଳ୍ପନା ଅନନ୍ୟ। ସେଭଳି କବିଙ୍କର ସ୍ମରଣୀୟ କବିତା ମଧ୍ୟରୁ ଗୋଟିଏ ରେଙ୍ଗୁନ୍ ଯାତ୍ରୀ ଏକ ହୃଦୟସ୍ପର୍ଶୀ ଓ ପ୍ରଭାବଶାଳୀ କବିତା। ଏଥିରେ ଫିରିଙ୍ଗି ଉପନିବେଶକାଳୀନ ପରାଧୀନ ଭାରତବର୍ଷରେ ଗରିବ ଲୋକଙ୍କ ଜୀବନ-ଯୁଦ୍ଧ କେତେ ନିଷ୍ଠୁର, ନିର୍ମମ ଓ କରୁଣ ଥିଲା ତା'ର କଳାତ୍ମକ ସାକ୍ଷ୍ୟ ବହନ କରେ। ଉତ୍କଟ ଦାରିଦ୍ର୍ୟର ତାଡନା ମଧ୍ୟରେ ପରିବାରକୁ ବଞ୍ଚାଇ ରଖିବାର ଅନ୍ୟ କୌଣସି ବିକଳ୍ପ ପନ୍ଥା ନଦେଖି ଆମ ରାଜ୍ୟରୁ ଅନେକ ବ୍ୟକ୍ତି ସକଳ ଅନିଚ୍ଛା ସତ୍ତ୍ୱେ ଘରୁ ଗୋଡ କାଢ଼ି କାଳି ମାଟି, ଚର୍ଚ୍ଚ ଗ୍ରାମ ଓ ରେଙ୍ଗୁନରେ ଶ୍ରମିକ ଭାବେ କାମ କରିବାକୁ ଉତ୍ତର-ପୂର୍ବମୁହାଁ ହେଉଥିଲେ। ଗରିବ ତା' ରକ୍ତକୁ ଝାଳ କରି ମାଟିରେ ବୁହାଇ ଚାଲେ, ଭୋକ ଉପାସରେ ଛଟପଟ ହୋଇ ଦିନ କାଟେ। ଭଙ୍ଗା କୁଡ଼ିଆ ଓ ଚିରା କପଡ଼ାରେ ଜୀବନ ଜିଏଁ। ଶେଷରେ ବାଧ୍ୟ ହୋଇ ତାକୁ ତା' ପ୍ରେମର ସ୍ୱର୍ଗୀୟ ଐଶ୍ୱର୍ଯ୍ୟକୁ ପଛରେ ଛାଡ଼ି ସୁଦୂର ରେଙ୍ଗୁନ୍ ଯିବାକୁ ପଡିଥାଏ '। ଶୁଣିଥାଏ ସେ ସେଠି ନଥିବ ଜମିଦାର କି ସାହୁକାରର ନାଲି ଆଖି। ସେଠି ସ୍ୱାଧୀନ ଭାବେ ଝାଳ ନିଗାଡି ନିର୍ଭୟରେ ତା'ର ମୂଲ ପାଇବ। ସେଇଥିରେ ହୁଏତ ତା' ପରିବାର ବଞ୍ଚିବାର ରାହା ପାଇବେ। କିନ୍ତୁ ରେଙ୍ଗୁନ୍ ଯାଇ ସେଠୁ ଫେରି ପାରିବ କି ନାହିଁ କିଏ ଜାଣେ ?

ପ୍ରିୟ ଗାଆଁ ମାଟିର ବାସ୍ନା, ଯାହାର ପାଣି ଓ ପବନରେ ତା' ଦେହରେ ଭରି ହୋଇ ରହିଛି, କେତେ ବାଗରେ ପଛରୁ ଟାଣି ଧରେ। ଡାଲୁଅ ବିଲ, ଗଡଡ ଟୋକାର ଧୁଡୁକା, ପଧାନ ଘର ଗାଈ, ପଥର ଖଣିରୁ ଭାସି ଆସୁଥିବା ଗୀତ....। ଏ ସବୁ ମାୟା ତୁଟେଇ ସେ ରେଲଗାଡିର ହୁଇସିଲକୁ କାନ ଡେରେ। ରେଙ୍ଗୁନ୍ ଯାତ୍ରୀ ପଲ୍ଲୀବାସୀ ହୃଦୟର ବ୍ୟଥା, ବେଦନା, ଶୂନ୍ୟତା ଓ କାରୁଣ୍ୟକୁ କବି ବ୍ୟତୀତ ପ୍ରାଣସ୍ପର୍ଶୀ ଓ ଜୀବିତ ଭାବେ କବିତାୟିତ କରିଛନ୍ତି। ଏହି କବିତା ଏକାଦିକ୍ରମେ ଅତୀତରେ ଏକ ଐତିହାସିକ ଦଲିଲ୍ ଓ ଅନ୍ୟଦିଗରେ ବାସ୍ତବଧର୍ମୀ, ଆବେଗାପ୍ଲୁତ, କଳାତ୍ମକ ସୃଜନଶୀଳତାର ଏକ ଦେଦୀପ୍ୟମାନ ଫର୍ଦ୍ଦ ଅଟେ।

ପଦ୍ମଶ୍ରୀ କବି ସଚ୍ଚି ରାଉତରାୟ ସାଧାରଣ ମଣିଷର କ୍ଷତ- ବିକ୍ଷତ ଜୀବନ ସହିତ ନିଜକୁ ମିଶାଇ ଦେଇ ଗାଇ ଉଠିଛନ୍ତି ' ମଣିଷର ଲହୁ ଲୁହେ କବିତା ମୋ ନୀଳ'। ସେ ହାଇଟିମ୍ୟାନ ସଦୃଶ କହି **Comrade this is no book, If you touch it you will touch a man.** ସେ ଲେଖିଛନ୍ତି ' ମୁଁ ସଚ୍ଚି ରାଉତରାୟ/ ନୁହେଁ ଟାଗୋର ବା ଶେଲୀ/ ମୁଁ ଏକ ମାଟିର ଧରା/ ଆଉ ଆକାଶର କବି -/ କାମ ନୁହେଁ ମୋର ଖାଲି ଆଙ୍କିବା କାଗଜର ଛବି।'

ବାସ୍ତବରେ ପଦ୍ମଶ୍ରୀ କବି ସଚ୍ଚିଦାନନ୍ଦ ସାମ୍ପ୍ରତିକ ଓଡ଼ିଆ କବିତାର ସମସ୍ତ ଆଂଶିକ ଆଧୁନିକତାର ପଥିକୃତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଆ କବିତାରେ ପାରମ୍ପରିକ ଛନ୍ଦୋବଦ୍ଧତାର ସମାନ୍ତରାଳ ଭାବେ ମୁକ୍ତ ଛନ୍ଦ ଓ ଗଦ୍ୟଛନ୍ଦର ସେ ପ୍ରବର୍ତ୍ତନ କରନ୍ତି। ଯାହା ଓଡ଼ିଆ କବିତାରେ ଅବିଳମ୍ବେ ସାର୍ବଜନୀନ ହୋଇଯାଏ। ଗତାନୁଗତିକ ଉପମା ଓ ବ୍ୟଞ୍ଜନା ପରିବର୍ତ୍ତେ ସୂକ୍ଷ୍ମ ଭାବଗତ ସାଦୃଶ୍ୟକୁ ଆଧାର କରି ଶକ୍ତିଶାଳୀ ଭାବ ପ୍ରବୋଧକ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଓ ଆର୍କିଟାଇପ୍ ପ୍ରଭୃତି ବ୍ୟବହାରରେ ସେ ହିଁ ଥିଲେ ଅଗ୍ରଦୂତ। ବିଶେଷ କରି କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଲବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ। ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିଙ୍କ ପାଇଁ କାବ୍ୟ-ଗୁରୁ, ମାଟିର ଦ୍ରୋଣ ଥିଲେ।

ଏପରିକି ଓଡ଼ିଶା ଓ କେନ୍ଦ୍ର ସାହିତ୍ୟ ଏକାଡେମୀ, ଭାରତୀୟ ଜ୍ଞାନପୀଠ ପ୍ରଭୃତି ବହୁ ସମ୍ଭ୍ରାନ୍ତ ସାହିତ୍ୟିକ ସ୍ୱୀକୃତିରେ ସେ ସମ୍ମାନିତ ହୋଇଛନ୍ତି। ଓଡ଼ିଆ କବିତାରେ ନୂତନ ଦୀପ୍ତି ଓ ଦ୍ୟୁତିର କୃତୀ କାରିଗର ପଦ୍ମଶ୍ରୀ ସଚ୍ଚି ରାଉତରାୟ ଯୁଦ୍ଧର ଏକ ଦୁନ୍ଦୁଭି, ସଂଘର୍ଷର ଉଲକାପିଣ୍ଡ, ବିଦ୍ରୋହର ଅଗ୍ରଦୂତ, ବିପ୍ଳବର ମାଂତ୍ରିକ ଉଚ୍ଚାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ୟଦିଗରେ ମାନବିକ ସମ୍ବେଦନଶୀଳତାର ସେ କୋମଳ ଗାନ୍ଧାର, ନୂତନ ସର୍ଜନର ସେ ବିଶ୍ୱକର୍ମା। ମାଟି, ମାଆ ଓ ମଣିଷର ସେ ଅନ୍ତରଙ୍ଗ ଆତ୍ମୀୟ।

ନିଷ୍କର୍ଷ ଦେଖିବାକୁ ଗଲେ ସେ କେବଳ ଏକାଧାରରେ ଜଣେ କବି ନୁହଁନ୍ତି, ସେ ପୁଣି ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ ଓ ସମ୍ପାଦକ। ତାଙ୍କର ଗଳ୍ପ ଗ୍ରନ୍ଥ 'ମଶାଣିର ଫୁଲ', 'ମାଟିର ତାଜ', 'ମାଙ୍କଡ ଓ ଅନ୍ୟାନ୍ୟ ଗଳ୍ପ' ପ୍ରଭୃତି। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ଏସବୁ ସଂକ୍ଷିପ୍ତତା ଦୃଷ୍ଟିରୁ ବିଚାର କରିବା ସମ୍ଭବ ନୁହେଁ। ତଥାପି ଯୁଗର ସାହିତ୍ୟ କ୍ଷେତ୍ରରେ ଏକ ଆତ୍ମିକ ଭାବ, ବ୍ୟାପକ କବିତ୍ୱ ଓ ଉନ୍ନତ ଚିନ୍ତାଧାରା ଶିଳ୍ପୀ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ସାହିତ୍ୟିକ ବିଶ୍ୱାବସୁରେ ପରିଣତ କରିଦେଇଛି। ଆଜିର ଏହି ଜନ୍ମ ଜୟନ୍ତୀ ମେ ୧୩ ସ୍ମରଣ ଅବସରରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କୁଳବୃଦ୍ଧ କବି ଓଡିଆ କାବ୍ୟ କବିତାକୁ ଯେଉଁ ନୂତନ ଧାରା ଦେଇଯାଇଛନ୍ତି ଏ ଯାବତ୍ ତାର ମୁଦ୍ରାଙ୍କ ସ୍ପଷ୍ଟ ଅ ଅନନ୍ୟ..!!!!


+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ :୯୦୪୦ ୧୫୧୪୭୫


# ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାରେ ଚନ୍ଦନଯାତ୍ରା

### ଭୋଳାନାଥ ସାହୁ


ଦୋଳେଷ୍ଟ ଦୋଳଗୋବିନ୍ଦ
ଚାପେଶୁ ମଧୁସୂଦନ
ରଥେତୁ ବାମନଂ ଦୃଷ୍ଟା
ପୁନର୍ଜନ୍ମ ନ ବିଦ୍ୟତେ।

କଳିଯୁଗର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ। ଶ୍ରୀମନ୍ଦିରର ବଡ଼ ଠାକୁର। ଚକା ଚକା ନୟନରେ ବିଶ୍ୱକୁ ନିରେଖି ଦେଖୁଛନ୍ତି। ପାପୀ ହେଉ ଅବା ତପି ହେଉ ସମାନ୍ତରାଳ ଦୁଇ ହାତରେ ଅନନ୍ତ ଆଲିଙ୍ଗନ କରିଚାଲିଛନ୍ତି। ଯାହାଙ୍କ ପାଇଁ ଛତିଶା ନିଯୋଗ ବ୍ୟବସ୍ଥା। ନୀତିକାନ୍ତିର ସେ ଦାରୁ ଦେବତା। ସେ ଦାରୁବ୍ରହ୍ମ। ସେ ଅନ୍ତର୍ଯ୍ୟାମୀ। ମନଜାଣି ବ୍ୟବସ୍ଥା କରିଥାନ୍ତି। ଭକ୍ତାଧିନ ଭଗବାନ ସେ। ଭକ୍ତର ଭାବ ବନ୍ଧନରେ ସେ ବନ୍ଧା। ଭକ୍ତର ଆକୁଳ ପ୍ରାର୍ଥନାର ଶ୍ରବଣ ମାତ୍ରକେ ସେ ମନବାଂଛା ପୂର୍ଣ୍ଣ କରିଥାନ୍ତି। ସେ ଗତିଦାତା ଓ ମୁକ୍ତିଦାତା। ଭବସାଗରରୁ ମୁକ୍ତି ପାଇବା ପାଇଁ ମଣିଷ ତାଙ୍କର ସେବା ଓ ଦର୍ଶନରେ ବ୍ୟସ୍ତ। ଦୋଳଯାତ୍ରାରେ ତାଙ୍କର ଦୋଳଗୋବିନ୍ଦ ରୂପ, ଚାପଖେଳରେ ତାଙ୍କର ମଧୁସୂଦନ ବେଶ ଓ ରଥଯାତ୍ରା ସମୟରେ ରଥ ଉପରେ ତାଙ୍କର ବାମନ ରୂପକୁ ଦର୍ଶନ କଲେ ମଣିଷର ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ରହିଛି। ଜଗତରନାଥ ଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନ ଯାତ୍ରାରୁ ଦ୍ୱାଦଶ ଯାତ୍ରାର ଆରମ୍ଭ ହୋଇ ଚନ୍ଦନଯାତ୍ରାରେ ଶେଷ ହୋଇଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମୁଖ୍ୟ ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ତିମ ଯାତ୍ରା ଅଟେ। ବୈଶାଖ ପୂର୍ଣ୍ଣମୀରେ ଏହିଯାତ୍ରା ଅନୁଷ୍ଠିତ ହୁଏ। ମାତ୍ର ବୈଶାଖ କୃଷ୍ଣପକ୍ଷ ତୃତୀୟା ତିଥିରୁ ଅନୁକୂଳ ହୋଇ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦିର୍ଘ ୪୨ ଦିନ ଧରି ପରିଚାଳିତ ହୋଇଥାଏ। ବୈଶାଖ ଦ୍ୱିତୀୟା ତିଥିରେ ପାଳିଆମେକାପ ତିନୋଟି ରୂପା ପିଙ୍ଗଣ ଓ ପରଖରେ ଚନ୍ଦନ ରଖି ଭୋଗମଣ୍ଡପ ଘରକୁ ନେଇଥାନ୍ତି। ରାଘବ ମଠ ତରଫରୁ ଏହି ଚନ୍ଦନ ସବୁକୁ ଯୋଗାଇ ଦିଆଯାଏ। ଭୋଗମଣ୍ଡପକୁ ପୂଜାପଣ୍ଡା ସୁସଂସ୍କୃତ କରାଇ ବିଧି ଅନୁଯାୟୀ ଅଧିବାସ କରାଇଥାନ୍ତି। ଏହାପରେ ଚଢ଼ଉ ସେବକ ଭୋଗମଣ୍ଡପକୁ ମୁଦ ଦିଅନ୍ତି ଓ ଲେଙ୍କା ସେବକ ଜଗି ରହିଥାନ୍ତି। ଅକ୍ଷୟ ତୃତୀୟା ଦିନ ପଂଚଉପଚାର ପୂଜା ଶେଷ ହେବା ପରେ ରାମ, କୃଷ୍ଣ ଓ ମଦନମୋହନ ରନ୍ ସିଂହାସନରେ ବିଜେ କରନ୍ତି। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା ଶେଷ କରିବା ପରେ ଓ ଆଜ୍ଞାମାଳ ମିଳିବା ପରେ ଝୁଲଣ ମଣ୍ଡପରେ ଥିବା ରାମ, କୃଷ୍ଣଙ୍କ ପାଲିଙ୍କିରେ ଓ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ପ୍ରଭୃତି ମଣିବିମାନକୁ ବିଜେ କରନ୍ତି। ଏଥିଅନ୍ତେ ଘଂଟ, ଘଂଟ. କାହାଳୀ, ବାଦ୍ୟ ଓ ଛତା ପଟୁଆରରେ ପାଲିଙ୍କି ଓ ମଣିବିମାନକୁ ଭକ୍ତଗଣ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ରାଜନଅର ଅଭିମୁଖେ ଯାତ୍ରା କରନ୍ତି। ପୂର୍ବରୁ ସିଂହଦ୍ୱାର ନିକଟରେ ପ୍ରସ୍ତୁତ ହୋଇ ରହିଥିବା ପଂଚମହାଦେବଙ୍କ ନିଜସ୍ୱ ବିମାନ ଗୁଡ଼ିକ ପଟୁଆରରେ ସାମିଲ ହୋଇଥାନ୍ତି।

ଗଜପତି ମହାରାଜ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ। ରାଜନଅର ସମ୍ମୁଖରେ ନୀତିକାନ୍ତି ଶେଷ ହେବା ପରେ ପଟୁଆର ନରେନ୍ଦ୍ର ପୁଷ୍କରିଣୀ ଆଡ଼କୁ ଆଗେଇଥାଏ। ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ତମାମ ଛାମୁଣ୍ଡିଆ କରାଯାଇ ସୁସଜ୍ଜିତ ହୋଇଥାଏ। ସ୍ଥାନେସ୍ଥାନେ ବ୍ୟକ୍ତିବିଶେଷ, ମଠ, ମନ୍ଦିର କିମ୍ବା ଅନୁଷ୍ଠାନ ତରଫରୁ ପଂକ୍ତିଭୋଗ ବ୍ୟବସ୍ଥା କରାଯାଇଥାଏ। ବିମାନବଡୁ ମାନେ ଦିର୍ଘରାସ୍ତା ଅତିକ୍ରାନ୍ତ କରୁଥିବାରୁ ଏହାଦ୍ୱାରା ତାଙ୍କୁ ବିଶ୍ରାମ ମିଳିଥାଏ। ମନ୍ଦିର ପ୍ରଶାସନ ପ୍ରାୟତଃ ୫୦ଜଣ ବିମାନବଡୁ ସେବକଙ୍କୁ ନିଯୁକ୍ତି ଦେଇଥାନ୍ତି। ଶାନ୍ତିପୂର୍ଣ୍ଣ ଭାବରେ ବିମାନସବୁ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନଚକଡ଼ାରେ ପଦାର୍ପଣ କରନ୍ତି। ଭିତରଛ ମହାପାତ୍ର ବିଗ୍ରହ ସବୁକୁ କର୍ପୂର ଜଳରେ ମଣୋହି କରିଥାନ୍ତି। ଏହାପରେ ମହାଜନ ସେବକଙ୍କ ଦ୍ୱାରା ରାମ, କୃଷ୍ଣଙ୍କୁ ବଡ଼ଚାପର ସମ୍ମୁଖ ସିଂହାସନରେ ଓ ପଂଚମହାଦେବଙ୍କୁ ପଛ ସିଂହାସନରେ ବିଜେ କରାଇଥାନ୍ତି। ସାନ ଚାପରେ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ବିଜେ କରାଯାଏ। ଚାପରେ ଠାକୁରଗଣ ବିଜେ କରିବା ପରେ ମୁଦିରସ୍ତ ପ୍ରସାଦଲାଗି କରନ୍ତି ଓ ହଡ଼ପନାୟକ ସେବକ ବିଡ଼ିଆ ମଣୋହି ଶେଷ କରିବା ପରେ ଚାପ ଖେଳ ଆରମ୍ଭ ହୁଏ। ସୁସଜ୍ଜିତ ଚାପରେ ଠାକୁରଙ୍କ ନୈବିହାର କରିବା ସମୟର ଦୃଶ୍ୟ ଏକାନ୍ତ ଉପଭୋଗ୍ୟ। ଲକ୍ଷ ଲକ୍ଷ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ଆଲୋକ ମାଳାରେ ସୁସଜ୍ଜିତ ଚନ୍ଦନ ପୋଖରି ପରିବେଶ ଆଧାତ୍ମିକ ମାହୋଲରେ ପ୍ରକମ୍ପିତ ହୋଇ ଉଠେ। ଠାଆ ଠାଆ କଣ୍ଠ ଶିଳ୍ପୀ ମାନଙ୍କର ଭଜନ ପରିବେଷଣ ଭକ୍ତଙ୍କୁ ଆକର୍ଷିତ କରିଥାଏ। ଚାପ ଦୁଇଟି ନରେନ୍ଦ୍ର ସ୍କୁଷ୍କରିଣୀ ଚାରିପାଖରେ ଥରେ ବୁଲିବା ପରେ ଚନ୍ଦନମଣ୍ଡପ ନିକଟରେ ଅଟକାଯାଇ ପ୍ରଥମ ଚାପରୁ ରାମକୃଷ୍ଣଙ୍କୁ ଦ୍ୱିତୀୟଚାପକୁ ବିଜେ କରାଇଥାନ୍ତି ଓ ସମସ୍ତ ଠାକୁରଙ୍କୁ ବନ୍ଦାପନା କରି ଚନ୍ଦନ ମଣ୍ଡପକୁ ନିଆଯାଏ। ପୂର୍ବରୁ ପୁଷ୍ପଚନ୍ଦନ ସୁବାଷିତ ଜଳରେ ଭର୍ତି କରାଯାଇ ତିନୋଟି କୁଣ୍ଡ ପ୍ରସ୍ତୁତ କରାଯାଇଥାଏ। ରାମକୃଷ୍ଣଙ୍କୁ ପ୍ରଥମ କୁଣ୍ଡରେ, ଶ୍ରୀମଦନମୋହନ, ଲକ୍ଷ୍ମୀ, ସରସ୍ୱତୀଙ୍କୁ ମଧ୍ୟବର୍ତୀ କୁଣ୍ଡରେ ଓ ପଂଚମହାଦେବଙ୍କୁ ସର୍ବଶେଷ କୁଣ୍ଡରେ ବିଜେ କରାଯାଏ। ଜଳଲାଗିପରେ ଠାକୁରଙ୍କୁ ଶୀତଳମଣୋହି ପଂଚଉପଚାରରେ ପୂଜା କରାଯାଏ। ଏହି ସମୟରେ ଶ୍ରୀମଦନମୋହନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇ ୨୦ ଦିନ ପର୍ଯ୍ୟନ୍ତ କୃଷ୍ଣ ଲୀଳା ସମ୍ବନ୍ଧୀୟ କାର୍ଯ୍ୟ ପରିଚାଳିତ ହୁଏ। ସୁଆରବଡୁ ସେବକଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପିଷ୍ଟକ ପ୍ରସ୍ତୁତ ହୋଇ ଭୋଗଲାଗି ହୁଏ ଓ ନିର୍ଦ୍ଦିଷ୍ଟ ସେବକଙ୍କ ମଧ୍ୟରେ ବଂଟନ କରାଯାଏ। ଏହି ସମୟରେ ଠାକୁରଙ୍କ ଠାରେ ଲାଗି ହେଉଥିବା ମାଣ୍ଡୁଅଭୋଗ ଜନପ୍ରିୟ ଅଟେ। ଭୋଗଲାଗି ପରେ ଠାକୁର ମାନେ ପୁଣିଥରେ ଚାପକୁ ବିଜେ କରନ୍ତି। ଏହାକୁ 'ରାତ୍ରଚାପ' କୁହାଯାଏ। ଏହିକ୍ରମରେ ଚାପ ଗୁଡ଼ିକ ତିନିଥର ପ୍ରଦକ୍ଷିଣ କରିବା ପରେ ବାହୁଡ଼ା ବିଜେ କରନ୍ତି। ପ୍ରତ୍ୟେକ ଠାକୁର ନିଜ ନିଜ ବିମାନରେ ବିଜେ କରନ୍ତି।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## ପ୍ରିୟ ସାଥି

### ନିରଞ୍ଜନ ସାହୁ

ଯେଉଁ ଦିନଠାରୁ କାଗଜ କଲମ
ହୋଇଲେଣି ପ୍ରିୟ ସାଥି
ସେହିଦିନ ଠାରୁ ଭାବ ମୁଁ ବାନ୍ଧିଛି
ତାଙ୍କ ସହ ଦିନରାତି।

କାଗଜ କଲମ ସହିତ ସମ୍ପର୍କ
ପାଠପଢ଼ା ବେଳୁ ଥିଲା
ପାଠପଢ଼ା ପରେ ସେହି ସମ୍ପର୍କରେ
ରହିଲା ସାମାନ୍ୟ ଢ଼ିଲା
କର୍ମକ୍ଷେତ୍ରେ ଏହି ସମ୍ପର୍କ ରହିଛି
ନଥିପତ୍ର ମଧ୍ୟେ ମାତି।

ମାତ୍ର ଯେଉଁଦିନୁ ଲେଖାଲେଖି ପ୍ରତି
ଅଧିକ ରହିଲା ଧ୍ୟାନ
ସେହିଦିନ ଠାରୁ ପଢ଼ାପଢ଼ି କରି
ଅରଜିଲି ନୂଆ ଜ୍ଞାନ
ମନର ଭାବକୁ ଲେଖି ବସିଲି ମୁଁ
ଲେଖା ହେଲା ନାନାଜାତି।

ଗଳପ, କବିତା, ପ୍ରବନ୍ଧ, ନାଟକ
ଉପନ୍ୟାସ, ରମ୍ୟ କଥା
ସମୟ ଦେଇକି ଲେଖି ଚାଲିଲି ମୁଁ
ଖଟାଇକି ମୋର ମଥା
ପୁସ୍ତକ ପ୍ରକାଶ ହୋଇଗଲା ପରେ
ବଢ଼ିଲା ମୋହରି ଖ୍ୟାତି।

ସାଧନା ସ୍ୱୀକୃତି ସ୍ୱରୂପ ମିଳିଲା
ସମ୍ବର୍ଦ୍ଧନା, ମାନପତ୍ର
ସେଥିପାଇଁ ମୋତେ ଯିବାକୁ ପଡିଛି
କେତେଥର ଅତ୍ର, ତତ୍ର
ଘରଲୋକ ସାଥେ ଏଥିପାଇଁ ହୁଏ
ବେଳେବେଳେ ହାତାହାତି।


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


## ବୋଉ

### ନୂତନ କୁମାର ବେହେରା

ବୋଉ ! ତୋ ପରି କିଏ ହେବ ଆଉ
ଅମାପ ସେ...ସନ୍ତାନକୁ କେତେ ଭଲପାଉ
ଆକାଶ ସମ ତୁ ଅସୀମା ରହୁ
ସାଗର ଭଳି ଦିଗନ୍ତ ବିସ୍ତାରୀ ଯାଉ
ବିପଦ ବେଳେ ହିମାଳୟ ପରି ଠିଆ ହେଉ
ଆଜୀବନ ପରିବାରର ସେବାରେ ତୁ ରହିଥାଉ
ସବୁରି କଲ୍ୟାଣେ ଢାଳୁ ଲୁହ ଲହୁ
ମହୁ ପ୍ରାୟେ ମଧୁର କଥା କହି ମନ ମୋହୁ
ଦୁନିଆଁର ବୋଝକୁ ମୁଣ୍ଡରେ କରୁ ଲାଉ
କୋଟିଏ ବେଦନା ସହି ସନ୍ତାନକୁ ଆଗକୁ ନେଉ
ବୋଉ ! ତୋ ପରି କିଏ ହେବ ଆଉ
ମହିମାରେ ମହୀୟସୀ ଗାରିମାରେ ଗରୀୟସୀ ତୁ
ସହିଷ୍ଣୁତାରେ ବସୁମତୀ ସର୍ବଂସହା ରହୁ
ସ୍ନେହ ମମତାର ପୁଣ୍ୟତୋୟା ହୋଇ ବହୁ
ବକ୍ଷେ ତୋର ଅମୃତ ଧାର ପ୍ରବାହିତ କରୁ
ହୃଦୟରୁ ତୁ ନନ୍ଦନକାନନ'ର ହସଖୁସୀ ହେଉ
ହାତ ଧରି ଚଳାଉ କଥା କହିବା ଶିଖାଉ
ମନକୁ କରି ସରସ ତୁ ହସାଉ
ସଭିଏଁ ଖାଇଲା ପରେ ଖାଉ
ଖାଇବାକୁ ନ ଥିଲେ ପାଣି ପିଇ ଦେଇ ଶୋଉ
ଅସରନ୍ତି ଦୁଃଖକୁ ସୁଖ ଭାବି ସବୁ ସହୁ
ବୋଉ ! ତୋ ପରି କିଏ ହେବ ଆଉ
ତଥାପି ତୋ ସନ୍ତାନ ବୁଝେ ନାହିଁ ତୋର ତ୍ୟାଗକୁ
ବିଗିଡ଼ି ଯାଇ କହେ ତୁ ମୋ ପାଇଁ କ'ଣ କରିଛୁ
ତୋ ଅନ୍ତରର ଯନ୍ତ୍ରଣାକୁ ଜଳାଏ ଦାଉ ଦାଉ
ଦଧୀଚି ମୁନି ପରି ତୁ ଅସ୍ଥି ହେବାକୁ ଜୀବନ ହେଉ
ଗୃହର ଗୃହଲକ୍ଷ୍ମୀ ରୂପେ ଆଦର୍ଶ ନାରୀ ତୁ
ଆଶୀର୍ବାଦ ଦେବାକୁ ସଦା ମୁଣ୍ଡରେ ହାତ ରଖୁ
ଦାନର ପ୍ରତିଦାନ ତୁ କି ପାଉ
କୁହନ୍ତି ପୂଜ୍ୟା ନମସ୍ୟା ଦେବୀ ପ୍ରତିମା ତୁ
ତଥାପି କାହିଁକି ଅସହାୟା ନିର୍ଯ୍ୟାତିତା ହେଉ
କରୁଛି ସ୍ତୁତି...ଏ ଅବାଞ୍ଛିତ ଘଟଣା କେବେ ନ ଘଟୁ
ତୋ ପାଦ ତଳେ ମଥା ମୋର ନତ ଥାଉ
ବୋଉ ! ତୋ ପରି କିଏ ହେବ ଆଉ ?


+କୋହି, ବାରିପଦା, ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

## ଲିଭିନି 'ସିନ୍ଦୂର' ର ସୌନ୍ଦର୍ଯ୍ୟ

### ଅଧ୍ୟାପକ ଶ୍ରୀ ଶରତ କୁମାର ଦାସ



ତୁ ନେହୁରା ହେଲୁ ବୋଲି ତ
ମୁଁ ତୋତେ ଛାଡ଼ିଦେଲି ।
ସମର୍ପି ଦେଲି ନିମିଷକେ ମୋ କ୍ରୋଧ, ଘୃଣା
ଅପମାନ ଓ ପ୍ରତିଶୋଧର ରଣହୁଂକାର ।

ତୋତେ ରାତି ଦରକାର ଥିଲା ନା
ମୁଁ ଅଜାଡ଼ିଦେଲି ମେଞ୍ଚାମେଞ୍ଚା
ବହଳ ଅନ୍ଧାର ।

ତୋତେ ରକ୍ତର ହୋଲି ଦରକାର ଥିଲା
ତୋ ଇଚ୍ଛା ପୂରଣ କରି
ତୋ ହାତ ପାପୁଲିରେ ନେସି
ଉପହାର ଦେଲି ।

ଏବେ ଆଉ କ'ଣ ବାକି ଅଛି କହ
ନା ଏତିକି ?
ଗୁଳିଗୋଳା କମାଣ ମୁହଁରେ
ତୁ ମହୁର ସ୍ୱାଦ ଚାଖୁଥିବା ବେଳେ
ମୁଁ ହସୁଥିଲି କିରିକିରି ।

ସେଇ କେଇ ଟୋପା ରକ୍ତ ତୋ ପାଇଁ
ଭାରି ମିଠା ଥିଲା ବୋଧହୁଏ ;
ଛଡାଇନେଲୁ ହସଖୁସି
ଲୁଟିନେଲୁ ସ୍ୱପ୍ନ ସମ୍ଭାବନା ସବୁକିଛି
ପୋଛିଦେଲୁ ସୀମନ୍ତିନୀଙ୍କ ମଥାର ସିନ୍ଦୂର
ତୋ ଜହ୍ଲାଦୀ ପଣରେ ।

କାହିଁକି ଭାଙ୍ଗିଲୁ ତୁ
ପାହାଡ଼ୀ ଆକାଶ ତଳେ ଦୋଳିଖେଳୁଥିବା
ନୀରିହ ଚଢ଼େଇଙ୍କ ଡେଣା ?
କାହିଁକି ବ୍ୟାଧ ସାଜି ମାରିଲୁ ତୁ ତୀର
ବଣୁଆ ହରିଣଙ୍କ କଅଁଳ ଛାତିରେ ?

କି ଉତ୍ତର ଦେବୁ ତୁ ?
ଏବେ ପୁଣି ସେଇ ପୁରୁଣା ନାଟକର
ନୂଆ ପୁନରାବୃତ୍ତି.....ଅସ୍ତ୍ରବିରତି....।

କୋଉଠି ସାଇତିବି ମୁଁ
ତୋ'ର ସେ ମଲ୍ଲୀଫୁଲିଆ ଷଡଯନ୍ତ୍ରର
ଯାଦୁକରୀ ଜୀବନ୍ତ ଅଭିନୟ !

ତୁ ସେପଟେ.... ମୁଁ ଏପଟେ
ସବୁକିଛି ଓଲଟପାଲଟ
ନା ଅଛି ତୋ ପାଇଁ ସେ ସତେଜ ଖରାର ସକାଳ
ନା ଜହ୍ନର ସେ ଆଗଭଳି ଭରା ଶୀତଳତା ।

ଏବେ ଯାହା ସଂଚୟ କରି ରଖିଛି
ତୋ ପାଇଁ କେବଳ କାଳରାତିର ଜହର
ପଚା ଶବମାନଙ୍କର ଉତ୍କଟ ଦୁର୍ଗନ୍ଧ
ଯାହା ଖାଲି ସବୁ
ମିଠା ସ୍ୱପ୍ନମାନଙ୍କର ଆତ୍ମସଂହାର
ଆଉ ଗୁଡ଼ାଏ ପଙ୍ଗୁ ଓ
ଅଥର୍ବମାନଙ୍କ କରୁଣ ବିଳାପ ।

ପୁଣି ସଜାଡ଼ିରଖିଛି ହୁତୁହୁତୁ ଜଳୁଥିବା
ପୁଳାଏ ନିଆଁହୁଳାର ନଅର
ନିର୍ମମ ଯନ୍ତ୍ରଣାର ଅସରନ୍ତି ଦହନ
ମଝିବିଲରେ ଆକାଶକୁ ଆଁ କରି ଚାହିଁଥିବା
ଗୋଟିଏ କ୍ଷତାକ୍ତ ଖଣ୍ଡିଆଭୂତର ଦେଶ ।

ସାବଧାନ....ସାବଧାନ.....
ଲିଭିନି ଏବେ ବି 'ସିନ୍ଦୂର'ର ସୌନ୍ଦର୍ଯ୍ୟ
ଚମକୁଛି ଦାଉଦାଉ ସୀମାନ୍ତର କପାଳରେ
ଘଡ଼ିଏ ରହ ଥୟ ଧର, ପିଶାଚ ।


ବିଭାଗ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ:୮୨୪୯୧୩୭୦୯୧


## ଏଇ ବେଳ ଏକାଠି ହେବାର

### ସୁଜିତ କୁମାର ମିଶ୍ର



ଆଉ କିଛି ନୁହେଁ
ରାଷ୍ଟ୍ର ଖୋଜୁଛି ଏତିକି,
ଦି ବୁନ୍ଦା ଲୁହ,
ବର୍ଷା ସରସର ଅସରନ୍ତି
ବିଧୁରା କୋହ ।

ଦୁଃଖ ପଡିଛି ପାହାଡ ପରି
ମରଣ ମୁହାଣୀ ଜୀବନ
ଘନଘନ ବନ୍ଧୁକ ଗୁଳିର କଷଣ
ସେ ଲୋଡୁଛି ତୁମ
ପଣ, ପ୍ରବଣ, ଆଉ ପାରିଲାପଣ,
ରାଷ୍ଟ୍ରପ୍ରେମଠୁ ଆଉ କଣ ଅଛି ଯେ
ମଧୁର ଶିହରଣ ?

ପଡୋଶୀ ଦେଉଛି ପୀଡା,
ହୋରି ଖେଳ ରକ୍ତରେ,
ନିରୀହ ନରମ ମଣିଷ
ରକ୍ତ ତାଣ୍ଡବର ବଳି,
ମରଣ ପୂର୍ବରୁ ଜୀବନ ପାଉଁଶ,
ଉଜୁଡ଼ି ଯାଉଛି ଦିଲ୍ଲୀଠୁ କାଶ୍ମୀର
ସବୁଠି ଅସୀମ ମଧୁରାତିର ଆଶା,
ରାଷ୍ଟ୍ର ଲୋଡେ ତୁମ ଆଖି ଛାତିର
ଦରଦୀ ଆଉଁସା ।

ତୁମ ପାଦ ଲୁହା ପରି ସଶକ୍ତ
ଏଇ ରାଷ୍ଟ୍ରର ନିସର୍ତ୍ତ ପ୍ରେମରେ,
ତୁମେ ଚଳପ୍ରଚଳର ଅଧିକାର
ଏଇ ରାଷ୍ଟ୍ରର ଦାନ ଉପହାର,
ତୁମେ ପୁଲକ ସ୍ୱାଧୀନ ଋତୁରଶୋଭା
ଏଇ ରାଷ୍ଟ୍ରର ଛୁଆଁରେ ।

କପାଳ ଫାଳଫାଳ
କାଳରାତ୍ରୀର ଗର୍ଜନରେ,
ସୁଖର ଫଗୁଣ କ୍ଷଣେ କ୍ଷଣେ ଶ୍ରୀହୀନ,
ବଳ ଜୁଟେଇବାର ବେଳ,
ରାଷ୍ଟ୍ରପ୍ରେମ ତ ଚିହ୍ନା ଅଚିହ୍ନା ସଭିଙ୍କୁ
ସାଉଁଟି ନେବାର ମଧୁକାଳ ।

ଆକାଶ ମାଟି ପାଣି ପବନ
ସବୁ ବିପଦ ମୁହାଁ,
ରାଜନୀତିର ବିଭାଜନ ରେଖାକୁ
ଯୋଡିଦିଅ, ଗୋଟିଏ ହେଉ,
ଶତ୍ରୁ ଡରିବ ମିଳିତ ଶତସିଂହର ସାହସକୁ,
ଫୁଲ ଫୁଟିବ ପୁଣି ବିମର୍ଷ ବଦନରେ,
ପ୍ରଶମିତ ହେବ ତତଲା ଆତଙ୍କୀ ନିଆଁ ।

ଏଇ ବେଳ ଏକାଠି ହେବାର,
ସଂଗଠନରୁ ସୀମା ଯାଏ
ସ୍ୱର ଶିଖାଉ ସମତା,
ନିସ୍ୱାର୍ଥର ଆଖିପତା ତଳୁ
ଝରୁ ମଧୁର ଚାହାଣୀର ଗୀତ,
ରାଷ୍ଟ୍ରପ୍ରେମ ତ ନିର୍ମୋହ ମଣିଷର
ଶଂଙ୍ଖଧ୍ୱନି,
ଚରମ ସିଦ୍ଧାନ୍ତର ସ୍ୱାଭିମାନୀ
ସାଗର ସ୍ରୋତ ।

ସେତୁବନ୍ଧରେ ଗୁଣ୍ଡୁଚିମୂଷାର ବାଲିଝଡା ବି
ଥିଲା ନିଶା,
ତୁମେ ଗୁଣ୍ଡୁଚିମୂଷା କି
ଘର ଢିଙ୍କି କୁମ୍ଭୀର ଆହ୍ୱାନ ଭରା,
ଆକାଶଠୁ ଅନନ୍ତ ଦୂର
ଜହ୍ନ, ତାରା
ତଥାପି ସେ ଆପଣାର, ଅପାଶୋରା,
ଏ ରାଷ୍ଟ୍ର ତୁମ ପାଖରେ ଅବା ଦୂରରେ
ଚିରକାଳ ହେଉ
ଅନୁରାଗ ପସରା ।

ସିଂହାସନ ମୋହ ମାୟାରେ
କଣ ରାଷ୍ଟ୍ରପ୍ରେମ ଝଲସେ ?
ଚାଟୁକାରିତାର ଶବ୍ଦ ବନ୍ୟାରେ
ରାଷ୍ଟ୍ର କଣ ହସେ ?
ନୀଳ ଆକାଶର ବିଶାଳତା ପରି
ହୃଦୟକୁ ସବୁ ହୃଦୟରେ ରଖିଦେଲେ ତ
ରକ୍ତ ହୁଏ ଅସଲ ସମୟରେ
ଗରମ ଅବା ନରମ,
କ୍ଷମତା ତୀର୍ଥ ନୁହେଁ
ଅଖଣ୍ଡ ଦୀପର ପ୍ରଜ୍ୱଳନ ହିଁ
ଉଦବୁଦ୍ଧ ରାଷ୍ଟ୍ରପ୍ରେମ ।

ଅନ୍ତର ନଈର ଗୀତ ହିଁ ରାଷ୍ଟପ୍ରେମ,
ଅନ୍ତର ସିନ୍ଧୁର ଅଶାନ୍ତପଣ ହିଁ ରାଷ୍ଟପ୍ରେମ,
ଅନ୍ତର ଆକାଶର ନୀରବତା ହିଁ ରାଷ୍ଟ୍ରପ୍ରେମ,
ଅନ୍ତର ଭିତରେ ସମତାର
ଦୀପଶିଖାଟିଏ ହିଁ ରାଷ୍ଟପ୍ରେମ ।

ରାଷ୍ଟ୍ରପ୍ରେମ ହିଁ ରସ,
ଶ୍ୱାସ, ପାଉଁଶ,
ରାଷ୍ଟ୍ରପ୍ରେମ ହିଁ ଜୀବନ ଶୈଳୀର
ଚୂତ ଚୂତ ବଉଳ ବାସର ପ୍ରୀତିଫୁଲ ପ୍ରକାଶ ।

ଜଣ ଜଣଙ୍କର ପ୍ରେମରେ ହିଁ ତ
ଗଢା ରାଷ୍ଟ୍ରର ଆୟୁଷ,
ତୋଳୁଥାଅ ସର୍ବକାଳ
ହେ ମାଟିର ମଣିଷ ।


+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ:୭୬୮୩୮୬୭୭୪୨


ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରଟିଏ କରି ବୁହାଇଆଣେ ଊଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...



## ଶ୍ରୀରାଧାଙ୍କ ବିରହ ସ୍ୱର (୭)

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ !
ତନ୍ମୟତା ତୁମେ ବିଦଗ୍ଧତା ତୁମେ
ବିଭୋରତା ତୁମେ ମୋର
ଏ ତିନି ତାପରେ ଉଷ୍ଣିତ ମୋ ତନୁ
ଅଥୟ ମୋ ଅନ୍ତସ୍ୱର ।
ଶ୍ରୀକରେ ଚନ୍ଦନ ଲେପ...
କୋମଳ ପରଶେ ଶୀତଳ କର ହେ-
ପ୍ରୀତିଳ ପ୍ରେମର ରୂପ !
ମୋ ଛାତି ବିରହେ ଶୀର୍ଣ୍ଣ...
ବସନ୍ତ-ମଧୁର ମିଳନ-ରସରେ
କର ହେ ମଳୟ ପୂର୍ଣ୍ଣ ...(୨୫)..

ପାହାନ୍ତା ପ୍ରହରେ ଡେରିଥାଏ କାନ
ଶୁଣିବାକୁ ବଂଶୀ ସ୍ୱନ
ରାଧା ରାଧା ବୋଲି ଡାକନ୍ତା ଯଦି ବା
ଉଚ୍ଚାଟ ହୁଅନ୍ତା କାନ !
ବାଡ଼ ଅବାଡ଼ ନମାନି...
ଧାଇଁ ପଳାନ୍ତି ମୁଁ ମଥୁରା ନଗରୀ
ହେଉ ବା ମର୍ଯ୍ୟାଦା ହାନି ।
ସମ୍ବନ୍ଧ ସମ୍ପର୍କ ଛିନ୍ନ...
ଯୋଗ ମାର୍ଗ ଠାରୁ ପ୍ରେମ ମାର୍ଗ ବଡ଼
ଜାଣନ୍ତେ ଜଗତ ଜନ (୨୬)

ତୁମେ ଗଲା ଦିନୁ ତପଚାରିଣୀର
ଜୀବନ ଜିଉଚି ପ୍ରିୟ !
ଆକାଶେ ଚାହୁଁଚି ମାଟିକୁ ଚାହୁଁଚି
ସବୁ ଆଡ଼ ତୁମମୟ ।
ତୁମେ କ'ଣ ସର୍ବନାମ.. ?
ନାମ ନୁହଁ ତୁମେ ଦେହ ନୁହଁ, ଖାଲି-
ମୋ ପାଇଁ ମୋ ପ୍ରିୟତମ ।
ଜାଳୁଚି ସ୍ମୃତିର ଦୀପ...
ବିରହ ଘିଅରେ ଜଳେ ମୁଁ ସଳିତା
ଶିଖା ଆଙ୍କେ ତୁମ ରୂପ (୨୭)

ଶୁଣିବାକୁ ଥିଲା ଶାଶୂ ନଣନ୍ଦଙ୍କ
ଆକଟ ବାରଣ ଯେତେ
ଜମା ଶୁଣିଲିନି, ତୁମ ବେଣୁ ସ୍ୱନ
ଡାକି ଚାଲୁଥିଲା ମୋତେ
ଚନ୍ଦ୍ରସେଣା ମୋର ସ୍ୱାମୀ...
ନପୁଂଷ ହେଲେ ବି ଚାହୁଁନଥିଲା ସେ-
ମୁଁ ହୁଏଁ ନରକଗାମୀ ।
ତୁମେ ନା ସରଗ ମୋର... ?
ସ୍ୱର୍ଗ ଗାମିନୀକୁ ରୋକି କି ପାରନ୍ତା
ବିକାରୀ ନରକ ଦ୍ୱାର ! (୨୮)

(ଆର ଥରକୁ)


+ ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧


## ଗାଁଟିର ନାମ ଈଶାଣୀ

### ଡ. ସିନ୍ଧୁ ସେନ୍



ବାଲେଶ୍ୱର ମାନଚିତ୍ରରେ
ଛୋଟ ଏକ ଗାଁ
କିଏ ଜାଣେ,
କିଏ କେବେ ଦେଖିଥିଲା
ସେ ଗାଁର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ
କେମିତି ଲୋହିତ ଦିଶୁଥିଲା
କଅଁଳ ସକାଳର ଆକାଶ
କେତେ ମନୋରମ ଥିଲା ସତେ
ସେ ଗାଁର ପୋଖରୀ ତୁଠ ।

ଏବେ କିନ୍ତୁ
ଏପ୍ରିଲ ବାଇଶିର ସକାଳ ପରେ
ସେ ଗାଁଟି ସାରା ବିଶ୍ୱରେ
ଇତିହାସ ରଚିଲା
ଆତଙ୍କବାଦର ଫର୍ଦ୍ଦ ଫର୍ଦ୍ଦ ଇତିହାସ ପୃଷ୍ଠା
ରକ୍ତରେ ଲେଖା ହୋଇଗଲା ।


ସେ ମାଟିର ପୁଅ ପ୍ରଶାନ୍ତର
ରକ୍ତ ଜୁଡୁବୁଡୁ କଫିନ ଉପରେ
ତ୍ରିରଙ୍ଗା ଘୋଡ଼ା ହୋଇଗଲା
କାଶ୍ମୀର ମାଟିରୁ ଓଡ଼ିଶା ମାଟିକୁ
ଶହୀଦର ଶବ ଫେରୁଥିଲା
'ଅମର ରହେ' ଧ୍ୱନିରେ
ଗାଁ ମାଟି କମ୍ପି ଉଠୁଥିଲା ।
କେତେ ନେତା, ମନ୍ତ୍ରୀଙ୍କର ଲାଗିଥିଲା ଭିଡ଼
କିଏ କେତେ ଦେଉଥିଲେ
ଛଳ ଛଳ ଆଖିଲୁହେ ଶ୍ରଦ୍ଧାଞ୍ଜଳି ବାଢୁଥିଲେ
ହିସାବ ନଥିଲା ତାର

ବିଶ୍ୱ ଇତିହାସେ
ଗାଁଟିର ନାମ ସ୍ମରଣୀୟ ହୋଇଗଲା
ସେ ଗାଁର ନାମ ଈଶାଣୀ ଥିଲା
ପ୍ରଶାନ୍ତ ଶତପଥୀ,
ସେ ଗାଁ ମାଟିରେ
ଶହୀଦ ସ୍ତମ୍ଭଟିଏ ଗଢ଼ି ଦେଇଥିଲା,
ଯୁଦ୍ଧ ନ କରିବି
ଯୋଦ୍ଧା ପାଲଟି ଗଲା ।


+ ସମ୍ପାଦିକା : ସଂଧ୍ୟା,
ବାରବାଟୀ, ବାଲେଶ୍ୱର


## ଆଜିର ସମାଜ

### ହରପ୍ରିୟା ସାହୁ



ଅଧର୍ମର ଆଜି ହେଉଛି ଜୟ
ଧରମ ରହିଛି ଶୋଇ
ଆନନ୍ଦରେ ଆଜି ନାଚୁ ଅଛି ପାପ
ପୂର୍ଣ୍ଣ୍ୟ ଦେହେ ବଳ ନାହିଁ ॥

ଅଲୋଡ଼ା, ଅଖୋଜା ହୋଇ ଅଛି ସତ୍ୟ
ମିଥ୍ୟା ବିଜୟୀ ସଦା
ଦୁର୍ଯ୍ୟୋଧନ ହସି କରେ ଅତ୍ୟାଚାର
ଭୀମର ଉଠେନି ଗଦା ॥

ସହସ୍ର ଦ୍ରୌପଦୀ ବସ୍ତ୍ରହୀନ ହେଲେ
କୃଷ୍ଣ ଗଲେ ଅପସରି
ସହସ୍ର ଅହଲ୍ୟା ଧର୍ଷିତା ହୋଇଲେ
ଶିଳା ହେଲେ ରାମହରି ॥

ସ୍ୱାର୍ଥ ଏ ସମାଜେ ପୁରସ୍କାର ପାଏ
ନିଃସ୍ୱାର୍ଥ ରହେ ଗୁମୁରି
ସାନଟିଏ ଏଠି ବଡ଼ର ଆସନେ
ବଡ଼ ରହେ ଥରି ଥରି ॥

କାହାକୁ କହିବୁ କପାଳ ଲିଖନ
ସର୍ବେ ନିଜ କର୍ମେ ବ୍ୟସ୍ତ
କାହାରିକୁ କେହି ଚାହେଁ ନାହିଁ ପରା
ସବୁରି ମୂଳରେ ସ୍ୱାର୍ଥ ॥


+ ଜଗତସିଂହପୁର


## ମୁଁ କାହିଁକି ସ୍ୱପ୍ନ ଦେଖେ !

### ଡାଃ ମନୋରଞ୍ଜନ ଦାଶ



ସ୍ୱପ୍ନ ହିଁ ବାଟ ଚଲାଏ ମୋତେ
ସ୍ୱପ୍ନ ହିଁ ଦୁଃଖ ଓ ସମସ୍ୟାକୁ
ଅତିକ୍ରମ କରିବାର କୌଶଳ ଶିଖାଏ ।
ସ୍ୱପ୍ନ ହିଁ ସାକାର ହୁଏ, ପ୍ରଚେଷ୍ଟାରେ ..
ସ୍ୱପ୍ନ ତ ମନକୁ ବିଭୋର କରେ..
ସ୍ୱପ୍ନ ଦେଖିବା କ'ଣ ଭୂଲ୍ କି ସୁଜନେ ?
ସ୍ୱପ୍ନ ହିଁ ତ ମୋ ମନର ସମ୍ଭାର ।
ମୋ ଆବେଗ ସହିତ ସ୍ୱପ୍ନର ତ ବେଶ୍ ଆତ୍ମିକ ସଂପର୍କ..
କାହିଁକି ମୁଁ ସ୍ୱପ୍ନମନସ୍କ, ତା ମୁଁ ଜାଣେନା ।
ମନର କୂଳରେ ଆଉଜେଇ ଯାଉଥିବା ସ୍ୱପ୍ନକୁ ଆଣି

ଛାତିରେ ସାଇତି ଜାଣିଚି ବୋଲି ତ ପାଗଳ ଟିଏ ମୁଁ ..
ମୋ ସ୍ୱପ୍ନିଳ ପାରାବାରରେ ଜୀବନ ଜୀଉଁଚି ଏକ
ବୈଚିତ୍ର୍ୟତାର କଳାରେ ..
ସଫଳତା, ଅସଫଳତା ଓ ଦାମ୍ଭିକତାକୁ ଉଣ୍ଡାଳୁଚି ମୁଁ
ଏକ ଅନିଶ୍ଚିତତାର ସମୟରେ ....


+ ପ୍ରଭାବତୀ ନିଳୟମ୍, ଦ୍ୱିଲତଳ,
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨


## ସିଏ ମା

### ସୁବ୍ରତ ଜେନା



ଜନମ ଠାରୁ ମରଣ ଯାଏ
ସବୁଠୁ ପ୍ରିୟ ସିଏ
ହସରେ ହସେ ଦୁଃଖରେ କାନ୍ଦେ
ସବୁରି ମାଆ ସିଏ ।

ମାଆର କୋଳ ସରଗ ପୁର
ଆକାଶ ଠାରୁ ବଡ଼
ମାଆର କୋଳେ ଥିଲେଟି ରହି
ଆସିବ ନାହିଁ ଝଡ଼ ।

ଦୁଃଖରେ ରହି ସୁଖକୁ ବାଂଟେ
ଉପମା ନାହିଁ ତାର
ସନ୍ତାନ ଖୁସି ଯୋଗାଡ଼ ପାଇଁ
ଭାବେସେ ନିରନ୍ତର ।

ତାଆରି ପାଇଁ ଦୁନିଆଁ ମିଠା
ପ୍ରେମରେ ବାନ୍ଧେ ଡୋର
କେତେଯେ ଝଡ଼ ସହୁସେ ପଛେ
ଲିଭେନି ହସ ତାର ।
ମାଆର ଡାକ ସବୁଠୁ ଭଲ
କରିବା ପୂଜା ତାର
ମାଗେନି କେବେ ବିଳାସ ଭୋଗ
ଆଦର ଲୋଡ଼ା ତାର ।

ପିଣ୍ଡରୁ କାଟି ପ୍ରାଣକେ ଦେଲା
ତାଭଳି ଅଛି କିଏ
ଆଖିରେ ତାର ଲୁହକୁ ଦେଇ
ସୁଖକି କିଣି ହୁଏ ।

ଜୀବନ୍ତ ଦେହେ ଦେବୀତ ସିଏ
ଆମରି ପାଖେ ରୁହେ
ଅଭୟ ତାର ଆଶିଷ ଝର
ସବୁରି ମନ ମୋହେ ।

କିଏ ତ ଡାକେ କେତେଯେ ନାମେ
ସବୁରି ପୂଜ୍ୟ ସିଏ
ସବୁଠୁ ପ୍ରିୟ ମାଆ ଆମର
ଛାଇ ପରିକା ଥାଏ ।


+ ଶୁରଡ଼ିହ,ନନ୍ଦିପୁର,
ଯାଜପୁର


## ଯୁଦ୍ଧ

### ନୀଳମଣି ଚାନ୍ଦ



ଥିଲେ ଭୟ
ନଥିଲେ ଭୟ,
ଚାଲିଲେ ଡର
ରହିଲେ ଡର,
ଶୁଣିଲେ ଭୟ
ଜାଣିଲେ ଭୟ,
ଦୁଃଖର କଥା
ଭରଇ ବ୍ୟଥା,
ନାନକ,ବୁଦ୍ଧ
ଚାହାନ୍ତିନି ଯୁଦ୍ଧ,
ଅଶୋକ,ଗାନ୍ଧୀ
ତାଙ୍କୁ ଯୁଦ୍ଧ ପାରିନି ବାନ୍ଧି,
କେତେ ମଣିଷ
ମୃତ୍ୟୁ ଲଭନ୍ତି ଜାଣିଛ
ଯୁଦ୍ଧ ନୁହଁ, ଶାନ୍ତି ଚାହୁଁ
ଧରାରେ ଯୁଦ୍ଧ ଆଉ ନହେଉ ।


+ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଅଯୋଧା ଉଚ୍ଚବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ



ନୀଳଗିରି,୧୨/୫(ନି. ପ୍ର): ନୀଳଗିରି ଉପଖଣ୍ଡ ଅଯୋଧା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କର ଇଡ଼କୋ ମହାପ୍ରବନ୍ଧକ ସରୋଜ କୁମାର ସେଠୀ (ଭାପ୍ରସେ)ଙ୍କ ଆବାହକତ୍ୱରେ ୧୯୮୨ମସିହା ବେଚ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାବ୍ୟତୀତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବାବେଳେ ଚଳିତବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଜଣ ଛାତ୍ର, ଜୟପ୍ରକାଶ ବେହେରା ଓ ଶାନ୍ତନୁ ବେହେରା ଏବଂ ମାରିଚି ବାଳିକା ବିଦ୍ୟାଳୟର ସର୍ବୋଚ ନମ୍ବର ରଖିଥିବା ଦୁଇ ଛାତ୍ରୀ, ଭାଗ୍ୟଜ୍ୟୋତି ବାରିକ ଓ ବିଶ୍ୱବିଜୟିନୀ ଦାସ ମଧ୍ୟ ପ୍ରଧାନଶିକ୍ଷକ ତୀର୍ଥସାଧନ ବେହେରାଙ୍କ ସହିତ ଯୋଗଦେଇଥିଲେ । ଏହି ବର୍ଣ୍ଣାଢ୍ୟଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ଦାସ, ପୁରାତନ ଛାତ୍ରସଂସଦ ସଭାପତି ବାମନ ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁଶାନ୍ତ ପରିଡ଼ା, ଅଯୋଧା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଂଶୀଧର ପଢିଆରୀ ଯୋଗ ଦେଇଥିଲେ। ଆବାହକ ଶ୍ରୀଯୁକ୍ତ ସେଠୀ କଠିନ ଅଧ୍ୟବସାୟ ଦ୍ୱାରା ଜୀବନର ସଫଳତା ମିଳିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ପ୍ରତିଭା ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୮୨ ମସିହା ବେଚର ପୁରାତନଛାତ୍ର ଜୟନ୍ତ କୁମାର ଚୌଧୁରୀ ସଭାପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୋରାଣିପଦାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଖଇରା,୧୨/୫(ନି. ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ତୋରାଣିପଦା ସ୍ଥିତ ତୋରାଣିଆ କ୍ଲବ ପରିସରରେ ଶନିବାର ପୂର୍ବାହ୍ନରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ୱାର୍ଡସଭ୍ୟ ଉମ୍ବରୁଧର ବାରିକ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡା ବ୍ରଜ ସୁନ୍ଦର ସ୍ୱାଇଁ ୩ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ । ଚର୍ଚ୍ଚିତା ମହାନ୍ତି ରୋଗୀଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ସରପଞ୍ଚ ପ୍ରତିନିଧି ହୃଦୟ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ସନ୍ଧ୍ୟାରାଣି ବେହେରା, ପ୍ରିତିଲତା ସାହୁ, ବ୍ରହ୍ମାନନ୍ଦ ନାୟକ, ବିଭୂତି ଭୁଷଣ ବରାଳ,ମୁରଲୀ ସୁତାର,ପୁର୍ଣ୍ଣଚନ୍ଦ୍ର ଖିଲାର,ସୁବାଷ ଚନ୍ଦ୍ର ସୁତାର,ବ୍ରଜ କିଶୋର ମଲ୍ଲିକ, ମୋହନ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଓଡିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ

ଜୟପୁର,୧୨/୫(ନି. ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ୟୁନିଟ ୨ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି ଓ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ରାଜ୍ୟ ସଭାପତି ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ, ମାର୍ଗ ଦର୍ଶକ ପ୍ରସନ୍ନ ତ୍ରିପାଠୀ ମାର୍ଗ, କାର୍ଯ୍ୟକାରୀ ସଭାପତି ଜ୍ଞାନ ରଞ୍ଜନ ଦାଶ, ଅଧ୍ୟକ୍ଷ ସୁନନ୍ଦ କାନୁନଗୋ ମଂଚାସିନ ହୋଇଥିଲେ ଓ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ବିବରଣି ପାଠ କରିବା ସହିତ ସମସ୍ତ ମଂଚାସିନ ଅତିଥି ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ଜିଲ୍ଲାର କର୍ମକର୍ତା ଯୋଗଦାନ କରିବା ସହିତ କୋରାପୁଟ ଜିଲ୍ଲାରୁ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଉପସଭାପତି ଶଶୀଭୂଷଣ ଦାଶ୍ ଓ ଉପଦେଷ୍ଟା ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ବୃନ୍ଦାବନ ପଣ୍ଡା ଯୋଗଦାନ କରିଥିଲେ ।

# ମା' ମାଉସୀମାଙ୍କ ମନ୍ଦିରରେ ଜଳାଶାୟୀ ନୀତି

ପୁରୀ,୧୨/୫(ନି. ପ୍ର): ବୈଶାଖ ମାସ ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଅବସରରେ ରବିବାର ଦିନ ବଳଗଣ୍ଡି ସ୍ଥିତ ମା ମାଉସୀମାଙ୍କ ମନ୍ଦିରରେ ଜଳାଶାୟୀ ନୀତି ଭକ୍ତିପୂତ ଭାବେ ସମ୍ପନ୍ନ ହୋଇଯାଇଛି । ମନ୍ଦିର ପାଖ ସାହିର ବ୍ରାହ୍ମଣ ମାନେ କୂଅରୁ ପବିତ୍ର ଜଳ ଆଣି ମାଙ୍କ ନାସିକା ପର୍ଯ୍ୟନ୍ତ ଜଳପୂର୍ଣ୍ଣ କରିଥିଲେ । ଏହି ଜଳ ଆପେ ଆପେ ଅଦୃଶ୍ୟ ହୋଇଯାଇଥିଲା । ପରେ ଭୋଗରାଗ, ନୀତି ଓ ମାଙ୍କ ବେଶ ଅନୁଷ୍ଠିତ ହୋଇଥିଲା । ପ୍ରବଳ ରୌଦ୍ରତାପରୁ ଭକ୍ତ ମାନେ କିପରି ରକ୍ଷା ପାଇବେ ମାଙ୍କୁ ପ୍ରାର୍ଥନା କରିଥିଲେ । କଥିତ ଅଛି ମାଳିନୀ ନଦୀର ଗଣ୍ଡ ବଳଗଣ୍ଡି ଠାରେ ରହିଥିଲା । ଏହା ବଡଦାଣ୍ଡକୁ ଦୁଇଭାଗ କରିଥିଲା । ସେତେବେଳେ ରଥଯାତ୍ରାରେ ୬ଟି ରଥ ନିର୍ମାଣ ହେଉଥିଲା । ମା ଏକଥା ଜାଣିପାରି ମାଳିନୀ ନଦୀକୁ ଶୋଷି ଦେଇଥିଲେ। ସେଥିପାଇଁ ମାଙ୍କୁ ଅର୍ଦ୍ଧଶୋଷୀନୀ ବା ଅର୍ଦ୍ଧାଶିନୀ କୁହାଯାଏ । ଏହି ପରମ୍ପରାକୁ ମନେ ପକାଇବା ପାଇଁ ଜଳାଶାୟୀ ନୀତି କରାଯାଉଛି ବୋଲି ପୂଜକ ବିଶ୍ୱନାଥ ମିଶ୍ର କହିଛନ୍ତି । ସେଥିପାଇଁ ବାହୁଡାଯାତ୍ରା ବେଳେ ରଥାରୁଢ ଶ୍ରୀଜୀଉମାନେ ମାଉସୀମାଙ୍କ ମନ୍ଦିରରେ ପୋଡପିଠା ଅର୍ପଣ କରାଯାଇଥାଏ । ଆଜି ଜଳାଶାୟୀ ନୀତି ଓ ମାଙ୍କ ଦର୍ଶନ ପାଇଁ ଅଂଚଳବାସୀ, ଭକ୍ତ, ତୀର୍ଥଯାତ୍ରୀଙ୍କ ଗହଳି ଲାଗି ରହିଥିଲା । ଏହି ଅବସରରେ ମାଉସୀମା ପଂଚକ ମହୋତ୍ସବ ପକ୍ଷରୁ ସଂଧ୍ୟାରେ ସୁନ୍ଦରକାଣ୍ଡ ଅନୁଷ୍ଠିତ ହୋଇଥିଲା ।

# ବିଦାୟ ସମ୍ବର୍ଦ୍ଧନା ଏବଂ ପୁସ୍ତକର ଲୋକାର୍ପଣ ଉତ୍ସବ

ବାରିପଦା ,୧୨/୫(ନି. ପ୍ର): ଲେଖକଟିଏ ସୃଜନୀ ଶକ୍ତିର ଭଣ୍ଡାର। ନିତିଦିନିଆ ସଂସାର ଭିତରେ ସବୁ ମଣିଷ ଘାଣ୍ଟି ହେଉଥିବା ବେଳେ, ସାହିତ୍ୟିକ ଟିର ମନ ଏବଂ ମସ୍ତିଷ୍କ ସବୁବେଳେ ନୂତନତ୍ୱର ସନ୍ଧାନରେ ନିମଗ୍ନ ରହିଥାଏ। ସମାଜକୁ ଜ୍ଞାନ ବାଣ୍ଟିବା ପାଇଁ ନିଜ କଲମ ମୁନରେ ଯେଉଁ କାଳଜୟୀ ସାହିତ୍ୟକୁ ସୃଷ୍ଟି କରିଥାଏ, ସେହି କାଳଜୟୀ ସୃଷ୍ଟି ସ୍ରଷ୍ଟାକୁ ଆମରତ୍ୱ ପ୍ରଦାନ କରିଥାଏ ବୋଲି ସମ୍ବଲପୁର ବରଗଡ଼ ଓଡ଼ିଆ ଗବେଷଣା ପରିଷଦ ଏବଂ ଓଡ଼ିଆ ଜାଗରଣ ମଞ୍ଚ ମୟୁରଭଞ୍ଜ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଅବସର ପ୍ରାପ୍ତ ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ବିଦ୍ୟାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଶିଷ୍ଟ ଅତିଥି ଭାବରେ ବାରିପଦା ଉପଜିଲ୍ଲାପାଳ ବିଶିଷ୍ଟ ସାହିତ୍ୟିକ ଡ଼. ଦୟାସିନ୍ଧୁ ପରିଡା, ବିଶିଷ୍ଟ ବକ୍ତା ପଦ୍ମଶ୍ରୀ ଡ଼. ଦମୟନ୍ତୀ ବେଶ୍ରା, ଓଡ଼ିଆ ଜାଗରଣ ମଞ୍ଚ ଏବଂ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ଼. ଜଗତବନ୍ଧୁ ଆଚାର୍ଯ୍ୟ, ସମ୍ବଲପୁର ବରଗଡ଼ ଓଡ଼ିଆ ଗବେଷଣା ପରିଷଦର ସମ୍ପାଦକ ଡ଼. ଦିନେଶ ଅଗ୍ରୱାଲା ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ସମାରୋହରେ ବିଶିଷ୍ଟ ପରିବେଶବିତ ବରିଷ୍ଠ ସାମ୍ବାଦିକ ଡ.ବିଜୟ କୁମାର ଅଗ୍ରୱାଲ ପୌରୋହିତ୍ୟ କରିଥିବା ବେଳେ, ଏହି ଅବସରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ଼. ବବ୍ରୁ ବାହାନ ମହାପାତ୍ର ଚାକିରିରୁ ଅବସର ନେଇଥିବାରୁ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ, ବହୁ ସାରସ୍ୱତ ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସର ରେ ବିଦାୟ କାଳୀନ ସ୍ମୃତିଗ୍ରନ୍ଥ ସହିତ ପ୍ରଫେସର ମହାପାତ୍ର ଙ୍କ ୪ଟି ଉପାଦେୟ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା. ପ୍ରଫେସର ଡ଼. ବବ୍ରୁ ବାହାନ ମହାପାତ୍ର ମୟୁରଭଞ୍ଜ ରେ ତାଙ୍କର କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରି ଭଞ୍ଜ ମାଟିର ମୋହକୁ ଭୁଲିବା ଏତେ ସହଜ ନୁହେଁ ବୋଲି କହିଥିଲେ।
କୃତି ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, ଅଧ୍ୟାପକ ସ୍ୱାଧୀନ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ମୟୁରଭଞ୍ଜ, ସମ୍ବଲପୁର, କେନ୍ଦୁଝର, ଭୁବନେଶ୍ୱର ତଥା ଅନ୍ୟାନ୍ୟ ଜିଲ୍ଲାରୁ ଶତାଧିକ ସାହିତ୍ୟିକ, ଗବେଷକ ଏବଂ ବୁଦ୍ଧିଜୀବୀ ମାନେ ଯୋଗଦେଇ ଥିଲେ।

# ବିର୍ସାମୁଣ୍ଡା ପୀଠରେ ପହଲଗାମ ବିଜୟ ଦିବସ ପାଳିତ




ବଡ଼ସାହି ,୧୨/୫(ନି. ପ୍ର): ବଡ଼ସାହି ବ୍ଲକ ଅଧିନ କେନ୍ଦୁଆ ସାହି ବିର୍ସା ମୁଣ୍ଡା ପୀଠରେ ପହଲଗାମ ଆକ୍ରମଣ ପ୍ରତିଶୋଧ ପାଇଁ ଭାରତୀୟ ବୀର ଜବାନଙ୍କୁ ଉଦ୍ଦେଶ୍ୟରେ ବିଜୟ ଦିବସ ପାଳନ କରାଯାଇ ଥିଲା । ଦିଶୁମ ପାହାନ ଗୁରୁ ବସନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ବୁରୁ ବଙ୍ଗା ସାସାଂକିର କମିଟି, ବୁରୁବଙ୍ଗା ଯୁବକ ସଂଘ ଓ ବୁରୁ ବଙ୍ଗା ମୁଣ୍ଡାରୀ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇ ଅଛି । ପାକିସ୍ତାନ ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣର ପ୍ରତିଶୋଧ ଭାରତୀୟ ବୀର ଯବାନ ମାନଙ୍କୁ ବହୁତ ବହୁତ ଧନ୍ୟବାଦ ଓ ପ୍ରଶଂସା କରାଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ ଓ ମାଶାଲ ପଦର୍ଶନ ମାଧ୍ୟମରେ ସମସ୍ତ ଭାରତ ମାତାଙ୍କର ଜୟଗାନ କରିଥିଲେ। ସମସ୍ତେ ଭାରତ ମାତାକି ଜୟ , ଭାରତୀୟ ବୀର ଜବାନ କି ଜୟ, ଭାରତମାତା ଜିନ୍ଦାବାଦ ଭାରତୀୟ ବୀର ଯବାନ , ଜାଡାବୟାର ଜିନ୍ଦାବାଦ ନାରାରେ ସ୍ଥାନଟି ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଅବସରରେ ବୁରୁ ବଙ୍ଗା ସାଂସାଂକିର କମିଟିର ଉପ ସଭାପତି ବାଦଲ ସିଂ, ସଂପାଦକ ରମେଶ ଚ୍ନ୍ଦ୍ର ସିଂ, ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁରାମ ସିଂ, ସହ ଶିକ୍ଷକ ରାଧାମୋହନ ସିଂ, ସଭାପତି ବିରେନ୍ଦ୍ର ସିଂ ଉପସଭାପତି ସୁରେନ୍ଦ୍ର ସିଂ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳୀ ସିଂ, କୁନି ସିଂ, ରେବତୀ ସିଂ, ବନ୍ଦନା ସିଂ ଏବଂ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଯଶବନ୍ତ ସିଂ, ଗୌତମ ସିଂ ଭାରତ ମାଟିର ଶୁଭ ବିଜୟ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୧୨/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠରେ ୧୯ତମ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଶୁଭାରମ୍ଭ ହୋଇଛି । ଏହି ଯଜ୍ଞ ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ । କର୍ତା ଭାବେ ସୁନୀଲ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୁଜାତା ସ୍ୱାଇଁ ସଂକଳ୍ପରେ ବସିଥିଲେ । ପୂର୍ବାହ୍ନରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଓ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା । ଏହି ଯଜ୍ଞ ଅବସରରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଛଇ । ରହୁଛି । ଶାନ୍ତି ଶୃଙ୍ଖଳା ଲାଗି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ତିନିଦିନ ବ୍ୟାପି ଅନୁଷ୍ଠିତ ଏହି ଯଜ୍ଞର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂନ୍ଧ୍ୟାର ଆୟୋଜନ କରାଯାଇଛି ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ଉଦ୍‌ଯାପିତ

## ଶୁଣ ଶୁଣ ଆହେ ସରକାର ଆମ ଭାଷା ଓ ସାହିତ୍ୟ ଦରକାର



ବାଲେଶ୍ୱର,୧୨/୫(ନି. ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ଉଦ୍‌ଯାପନ ଦିବସ ନିରଂଜନ ରାଉତ ଓ ନିବାରଣ ଜେନାଙ୍କ ଯୁଗ୍ମ ସଭାପତିତ୍ୱରେ ସ୍ରଷ୍ଟା ନାଟ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ତରଫରୁ ସାହିତ୍ୟିକମାନଙ୍କ ପ୍ରତି ଅବହେଳା କାରଣରୁ ଆଠବର୍ଷ ହେଲା ପୁରସ୍କାର ପ୍ରଦାନ କରାଯାଇ ନ ଥିବା, ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନାରେ ଅନିୟମିତତା, ସାଧାରଣ ପରିଷଦର ପୁନର୍ଗଠନ ନ ହେବା ତଥା ଏକାଡେମୀର ସଭାପତି ଓ ଉପସଭାପତି ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଯୋଗୁଁ ପ୍ରତୀକାତ୍ମକ ଭାବରେ ଅନଶନ ତଥା ଧର୍ମଘଟ କରାଯାଇ କବିତାପାଠ, ବକ୍ତବ୍ୟ ତଥା ନାଟକ ପ୍ରଦର୍ଶିତ ହୋଇଥିଲା। ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ 'ଶୁଣ ଶୁଣ ଆହେ ସରକାର ଆମ ଭାଷା ଓ ସାହିତ୍ୟ ଦରକାର' ଶୀର୍ଷକ କବିତା ପାଠୋତ୍ସବରେ ଚାଳିଶ ଜଣରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତାପାଠ କରି ହୃଦୟର ଉଦ୍‌ବେଗ ପରିପ୍ରକାଶ କରିଥିଲେ। ଏହି କବିତା ପାଠୋତ୍ସବରେ ଡ. ହରିଶ୍ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିବାବେଳେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ଚନ୍ଦ୍ରଭାଗାର ନିର୍ଦ୍ଦେଶକ କବି ଶ୍ରୀଦେବ ବକ୍ତା ଭାବରେ ଯୋଗ ଦେଇଥିଲେ। ଶରତ କୁମାର ମହାପାତ୍ର, ରାଜେନ୍ଦ୍ରନାଥ ରାଉତ, ଡ. ଭାଗବତ ପ୍ରସାଦ ଦାସ, ଅରୁଣା ରାୟ, ଡ. ହେମମାଳା ଦାଶ, ପ୍ରଦୀପ ଚାଟାର୍ଜୀ ପ୍ରମୁଖ ସାରସ୍ୱତ ସାଧକଗଣ ବକ୍ତବ୍ୟ ମାଧ୍ୟମରେ ସମସ୍ତ ଦାବୀକୁ ପରିପୂରଣ କରିବା ନିମିତ୍ତ ସରକାରଙ୍କଠାରେ ନିବେଦନ କରିଥିଲେ। ଏହି ବିଷୟବସ୍ତୁକୁ ମୂଳ କରି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ ନିରଂଜନ ରାଉତଙ୍କ ନିର୍ଦ୍ଦେଶିତ 'ଶୁଣ ଶୁଣ ଆହେ ସରକାର' ନାମରେ ଏକ ନାଟିକା ଜୁମରନାଥ ପାତ୍ର, ଶାନ୍ତିଲତା ବିଶି, ସଂଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ପ୍ରଫୁଲ୍ଲ କୁମାର ଦାସ, କ୍ରିଷ୍ଣା ପ୍ରଧାନ, ଡ. ସାରଙ୍ଗଧର ତ୍ରିପାଠୀ ଓ କଲ୍ୟାଣୀ ନନ୍ଦଙ୍କଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭାଷାପକ୍ଷ ଉଦ୍‌ଯାପନୀ ସଙ୍ଗୀତ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତୃପ୍ତିରାଣୀ ପାତ୍ର, ସୁବ୍ରତା ମହାନ୍ତି, ସ୍ନିଗ୍ଧା ସାମନ୍ତରାୟ, ପୁଷ୍ପଲତା ଚକ୍ରବର୍ତ୍ତୀ, କ୍ରିଷ୍ଣା ପ୍ରଧାନ, ଅବନ୍ତୀ ପ୍ରଧାନ, ଡ. ତାନଶ୍ରୀ ପାଣିଗ୍ରାହୀ, ଜୁମରନାଥ ପାତ୍ର ଓ ପ୍ରଭାକର ସାହୁଙ୍କଦ୍ୱାରା ପରିବେଷଣ କରାଯାଇଥିଲା। ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କବି ଦୀପକ ବୋଷ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, କମଳାକାନ୍ତ ଦାଶ, ପ୍ରଭାତ କୁମାର ଆଚାର୍ଯ୍ୟ, ହାଡ଼ିବନ୍ଧୁ ପାତ୍ର, କବିତା ଜେନା, ମନ୍ମଥ କୁମାର ସାହୁ, ମଧୁସୂଦନ ମାଝୀ, ଦାମୋଦର ନାୟକ, ଡ. ରତ୍ନାକର ସିଂହ, ଦୀପକ ଦାସ, କରୁଣାକର ସ, ମମତା ଦାସ, ପଦ୍ମଲୋଚନ ପ୍ରଧାନ, ହେମନ୍ତ କୁମାର ଜେନା, ପଦ୍ମଲୋଚନ ଦତ୍ତ, ଅସିତଜ୍ୟୋତି ପାତ୍ର, ଦେବାଶିଷ ସିଂହ ପ୍ରମୁଖ ସ୍ୱରଚିତ କବିତା ପାଠରେ ଅଂଶଗ୍ରହଣ କରିଥିଲେ।

# ଦୀଘା ଶ୍ରୀଜଗନ୍ନାଥ ମନ୍ଦିରରେ ଯୋଗ ଦେଇଥିବା ଘଟଣା : ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର ମାସକ ପାଇଁ ନିଲମ୍ବିତ

ପୁରୀ,୧୨/୫(ନି. ପ୍ର): ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର (ଟିକିପୁଅ)ଙ୍କୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ତିରିଶ ଦିନ ପାଇଁ ନିଲମ୍ବିତ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ । ଏହି ନିଲମ୍ବନ ସମୟ ଭିତରେ ଶ୍ରୀ ଦାସ ମହାପାତ୍ର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଅଛି । ଏଥି ସହିତ ଶ୍ରୀ ଦାସମହାପାତ୍ରଙ୍କୁ ନିଲମ୍ବନ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଅଛି ଯେ, ନିଲମ୍ବନ ଅବଧି ସମୟରେ ଦଇତାପତି କିମ୍ବା ଅନ୍ୟ ନିଯୋଗର କୌଣସି ସେବକଙ୍କୁ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ପ୍ରଲୋଭିତ କିମ୍ବା ଧମକଚମକ କରି ଶ୍ରୀମନ୍ଦିରର କୌଣସି ସେବାପୂଜା ବା ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ ନିଲମ୍ବନ ଅବଧିକୁ ବର୍ଦ୍ଧିତ କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଶ୍ରୀ ଦାସମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ । ନିଲମ୍ବନ ତଥା ପରବର୍ତୀ ସମୟରେ ଶ୍ରୀ ଦାସମହାପାତ୍ରଙ୍କ ବିଶୃଙ୍ଖଳ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା, ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ମଧ୍ୟ ଆଦେଶରେ କୁହାଯାଇଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଦାସମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା । ପ୍ରଥମେ ତା ୦୪.୦୫.୨୦୨୫ର କୈଫିୟତ ନୋଟିସ୍ ଜରିଆରେ, ସାତ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଥିଲା । ସେହି ନୋଟିସରେ ଶ୍ରୀଦାସମହାପାତ୍ର କେଉଁ ପରିସ୍ଥିତିରେ ଶ୍ରୀମନ୍ଦିର ପରମ୍ପରା ବିରୋଧୀ କାର୍ଯ୍ୟକରି ନବକଳେବର ସଂଗୃହୀତ ବଳକା ଦାରୁ ନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ସାରା ବିଶ୍ୱର ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ କାହିଁକି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପୂର୍ବକ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କଲେ ସେ ନେଇ ଉତର ରଖିବାକୁ କୁହାଯାଇଥିଲା । ପରବର୍ତୀ ସମୟରେ ଗତ ତା ୦୯.୦୫.୨୦୨୫, ରିଖରେ ଆଉ ଏକ କୈଫିୟତ ନୋଟିସ ଜରିଆରେ ଜଗନ୍ନାଥଧାମ – ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ସେବକ ଭାବେ କାହିଁକି ଯୋଗ ଦେଲେ ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ" ସେନେଇ ଉତର ରଖିବାକୁ କୁହାଯାଇଥିଲା ।ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି । ଗର୍ବ ଓ ଅହଂକାର ବିବର୍ଜିତ ହୋଇ ଶ୍ରୀମନ୍ଦିର ପରମ୍ପରା ଗରିମା ତଥା ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତବ୍ୟ ଏବଂ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆମ ସମର୍ପଣ ଭାବର ନିଦର୍ଶନ ହେବା ଆବଶ୍ୟକ । ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ ।

# ଜଳକା ପ୍ରୋଜେକ୍ଟ ଚନ୍ଦନଯାତ୍ରା ଆରମ୍ଭ



ବସ୍ତା,୧୨/୫(ନି. ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଜଳକା ପ୍ରଜେକ୍ଟ ଚନ୍ଦନ ଯାତ୍ରା ଶୁଭାରମ୍ଭ ହୋଇଛି । ଦୀର୍ଘ୪୯ବର୍ଷରେ ପଦାର୍ପଣ କରିଥିବା ଚନ୍ଦନ ଯାତ୍ରା ଆଜି ଆନୁଷ୍ଠାନିକ ଭାବେ ବସ୍ତା ଉପଖଣ୍ଡ ଅଧିକାରୀ ମାନସ କୁମାର ଦେଓ ଉଦଘାଟକ ଭାବେ ଫିତାକାଟି ଶୁଭାରମ୍ଭ କରିଥିଲେ । ନଟବର କଳା ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ନାଟ୍ୟକାର ଶିକ୍ଷକ ନରେନ୍ଦ୍ରକୁମାର ଦଣ୍ଡପାଟ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା । ମଞ୍ଚ ପରିଚାଳନା ବସ୍ତା ପ୍ରେସ କ୍ଲବର ସଭାପତି ସଂଗୀତ ନିର୍ଦ୍ଦେଶକ ବିଜୟ କୁମାର ଭୂୟାଁ କରିଥିବା ବେଳେ । ଇଂ ସୁଧାଶୁ ସେଖର ଜେନା ସଭାପତିତ୍ୱ କରିଥିଲେ । ମୂଖ୍ୟ ଅତିଥି ଶ୍ରୀଯୁକ୍ତ ଦେଓ ମୂଖ୍ୟବକ୍ତାଶିକ୍ଷାବିତ ଗକୂଳାନନ୍ଦ ବାରିକ ସମ୍ମାନୀତ ଅତିଥି ଅବସର ବ୍ୟାଙ୍କ ମ୍ୟାନେଜର ଚକ୍ରଧର ସେଠୀ ମଥାନୀ ସରପଞ୍ଚ ମମତାରିଣୀ ସିଟ୍ ବାଲେଶ୍ୱର କଳାକାର ସଂଘର ସହ ସମ୍ପାଦକ ବିଜୟକୁମାରଜେନା। ନୃତ୍ୟଗୁରୁମା ନିର୍ମଳାଭୋଇ ଦେବେନ୍ଦ୍ର ବେହେରା ବରିଷ୍ଠ ନାଗରିକ ମଞ୍ଚ ଓ ଚନ୍ଦନ କମିଟିର ସଦସ୍ୟ ଗୋପାଳଚନ୍ଦ୍ର ଦାସ ଯୋଗଦେଇ ଜଳକାନଦୀରେ ରାଧାମାଧବଜିଉଙ୍କ ନୌକା ବିହାରଭଜନ ପରିବେଷଣ ଦର୍ଶକ ମାନଙ୍କ ମନ ବିମୋହିତ କରିଥିଲା । ନଟବରକଳା ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଯାତ୍ରା ରାଜ ନନ୍ଦିନି ପ୍ରଯୋଜକ ସ୍ମୃତି ରଞ୍ଜନ ପଲେଇ, ଅଭିନେତା ସଦାଶିବ ଆଇଛ, ରବିନ୍ଦ୍ର ସାହୁ, ଅନ୍ନପୂର୍ଣ୍ଣା ଜେନାଙ୍କୁ ଉତ୍ତରୀୟ ପୁଷ୍ପଗୋଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ନାଟ୍ୟକାର ନରେନ୍ଦ୍ର ଦଣ୍ଡପାଟଙ୍କ 'ଏ କାହାଣୀ' ନାଟକର ଝଲକ ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ ହୋଇଥିଲା ।

# ଅଗ୍ନି ବିପନ୍ନ ପରିବାରଙ୍କୁ ମନୋଜ ନାୟକଙ୍କ ସହାୟତା



ବାସୁଦେବପୁର, ୧୨/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଖରିଦା ବିନାୟକପୁର ଗ୍ରାମ ପଞ୍ଚାୟତର ଆଠ ନମ୍ବର ୱାର୍ଡର ଭାସ୍କର ବାରିକ ଙ୍କ ପରିବାର ଗତ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ସାତ ବଖରା ଘର ପୋଡ଼ି ଧ୍ୱଂସ ହୋଇ ଯାଇଥିଲା । ଏହି ଖବର ପାଇ ବିଶିଷ୍ଟ ସମାଜସେବୀ ମନୋଜ ନାୟକ ପହଞ୍ଚି ଅଗ୍ନି ବିପନ୍ନ ପରିବାରଙ୍କୁ ସମ ବେଦନା ଜଣାଇଥିଲେ । ଏଥି ସହିତ ଶ୍ରୀ ନାୟକ ଶୁଖିଲା ଖାଦ୍ୟ ଆଣି ବଣ୍ଟନ କରିଥିଲେ ଓ ବାସନ କୁସନ, ଲୁଗାପଟା ଓ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ । ସରକାରୀ ସ୍ତରରେ କିପରି ଭାବରେ ଏହି ଅଗ୍ନି ବିପନ୍ନ ପରିବାରଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ସେ ବିଷୟରେ ଶ୍ରୀ ନାୟକ ତହସିଲଦାର ଙ୍କ ସହିତ କଥା ହେବେ ବୋଲି ମତ ପ୍ରକାଶ କରିଥିଲେ । ସମାଜସେବୀ ମନୋଜ ନାୟକ ଙ୍କ ସହିତ ନିର୍ମଳ ବାରିକ୍, ବିପିନ ମିଶ୍ର,ଭୋଳା ନାଥ ପଣ୍ଡା, ସଚିନ ଆଚାର୍ଯ୍ୟ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଅଗ୍ନିବିପନ୍ନ ପରିବାରଙ୍କ ପାଖରେ ପହଞ୍ଚି ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ ।

# ଛତିଶଗଡରେ ଭୟାବହ ସଡକ ଦୁର୍ଘଟଣା: ୪ ପିଲା ଓ ୯ ମହିଳାଙ୍କ ମୃତ୍ୟୁ

ରାୟପୁର, ୧୨/୫: ଛତିଶଗଡ଼ର ରାଜଧାନୀ ରାୟପୁର ସହିତ ସଂଲଗ୍ନ ଖରୋରାରେ ରବିବାର ଅଧରାତିରେ ରାୟପୁର-ବଲୋଦବାଜାର ରୋଡ଼ରେ ସାରାଗାଁଓ ନିକଟରେ ଏକ ଗାଡ଼ି ପ୍ରଥମେ ଏକ ଟ୍ରେଲର୍ ସହ ଓ ପରେ ଡମ୍ପର୍ ସହ ଧକ୍କା ହୋଇଥିବାରୁ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ୧୦ ଠାରୁ ଅଧିକ ଲୋକ ଆହତ ହୋଇଥିବା ଏବଂ ସେମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛନ୍ତି । ରାୟପୁର ଜିଲ୍ଲାପାଳ ଗୌରବ ସିଂହ କହିଛନ୍ତି ଯେ, ବିଳମ୍ବିତ ରାତିରେ ଖରୋରା ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ବହୁତ ସଂଖ୍ୟାରେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି । ଆହତମାନଙ୍କୁ ରାୟପୁର ମେଡିକାଲ୍ କଲେଜ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୪ଜଣ ପିଲା ଓ ୯ଜଣ ମହିଳା ଅଛନ୍ତି । ମୃତକଙ୍କ ଚିହ୍ନଟ କରାଯାଇଛି । ଏସଏସପି ଲାଲ ଉମେନ୍ଦ ସିଂହ୍ ସୂଚନା ଦେଇଛନ୍ତି ଯେ ଚଟୌଦ ଗାଁର ଲୋକମାନେ ରବିବାର ଦିନ ସ୍ୱରାଜ ମାଜଦା ଗାଡିରେ ବାନା ବନାରସୀ ଗାଁକୁ ଏକ ଛଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଯାଇଥିଲେ ।

# ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସନ୍ଧ୍ୟା ଧୂପ ବଢ଼ିବା ପରେ ଶ୍ରୀଜୀଉଙ୍କ ପୂଜାପଣ୍ଡା ଦୁଇଥର ଆଲଟଚାମର କରନ୍ତି ଓ ହଡ଼ପନାୟକ ସେବକ ବିଡ଼ିଆମଣୋହୀ ସାରିବା ପରେ ଅଖଣ୍ଡ ବୈଠା ବସେ ଓ ପାଣିପଡ଼ି ପଣାଭୋଗ ହୁଏ । ଏ ସମସ୍ତ ବିଧି ସମାପ୍ତ ହେବା ପରେ ଠାକୁରମାନେ ଚନ୍ଦନଯାତ୍ରାରୁ ବାହୁଡ଼ିଥାନ୍ତି । ଲକ୍ଷ୍ମୀ, ସରସ୍ୱତୀ ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିଥାନ୍ତି ।

ଚନ୍ଦନଯାତ୍ରା ଦୀର୍ଘ ୪୨ ଦିନର ଯାତ୍ରା । ପାଲିଙ୍କିରେ ରାମକୃଷ୍ଣ, ମଣିବିମାନରେ ଶ୍ରୀମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ଓ ପଂଚମହାଦେବ ନିଜସ୍ୱ ବିମାନରେ ଚନ୍ଦନପୁଷ୍କରିଣୀ ଯାତ୍ରା ଓ ନୌବିହାରଯାତ୍ରା ୨୧ ଦିନ ଧରି ପରିଚାଳିତ ହୁଏ । ଯାହା ଚନ୍ଦନଯାତ୍ରା ନାମରେ ପ୍ରସିଦ୍ଧ । ପରବର୍ତ୍ତୀ ୨୧ ଦିନ ଠାକୁର ମାନେ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ାକୁ ନଯାଇ ଶ୍ରୀମନ୍ଦିର ଭିତରେ ଜଳକ୍ରୀଡ଼ା କରିଥାନ୍ତି । ଏହାକୁ ଠାକୁରଙ୍କ "ଭିତର ଚନ୍ଦନଯାତ୍ରା" କୁହାଯାଏ । ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀହରଣ ଯୋଗୁଁ ଶ୍ରୀମଦନମୋହନ ଓ ଲକ୍ଷ୍ମୀ ଜଳକ୍ରୀଡ଼ା ପାଇଁ ବିଜେ ହୁଅନ୍ତି ନାହିଁ । ଉକ୍ତଦିନରେ କେବଳ ଦୋଳଗୋବିନ୍ଦ ଠାକୁର ବିଜେ କରିଥାନ୍ତି । ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ, ସାବିତ୍ରୀ ଅମାବାସ୍ୟା ଓ ଶୀତଳ ଷଷ୍ଠୀ ଦିନ ଭିତର ଚନ୍ଦନଯାତ୍ରା ନୀତି ପାଳିତ ହୁଏ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ସମୂହର ଅନ୍ତିମ ଯାତ୍ରା ହେଉଛି ଚନ୍ଦନଯାତ୍ରା । ଏହିଯାତ୍ରା ଅକ୍ଷୟତୃତୀୟା ତିଥିରୁ ଆରମ୍ଭ ହୋଇ ଜ୍ୟେଷ୍ଠ ଶୁକ୍ଳଚତୁର୍ଦ୍ଦଶୀରେ ଶେଷ ହୋଇଥାଏ । ମହାପ୍ରଭୁଙ୍କ ୪୨ଦିନ ବ୍ୟାପୀ ଚନ୍ଦନଯାତ୍ରାର ପ୍ରଥମ ୨୧ଦିନ ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର ମାଧ୍ୟମରେ ଓ ଶେଷ ୨୧ ଦିନ ଶ୍ରୀମନ୍ଦିର ଭିତରେ ଜଳକ୍ରୀଡ଼ା ମାଧ୍ୟମରେ ଶେଷ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ସମସ୍ତ ଯାତ୍ରା ମୋକ୍ଷ ପ୍ରଦାୟକ ଅଟନ୍ତି ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଂଜ
ମୋ-୯୯୩୭୧୫୧୩୧୦

# ଉତ୍ତରାଞ୍ଚଳ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ
## ଶିକ୍ଷକମାନେ ଶିକ୍ଷା ସାଧନାରେ ଶ୍ରେଷ୍ଠ ସାଧକ ହେବା ଆବଶ୍ୟକ



କୁରୁଡ଼ା , ୧୨/୫ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କୁରୁଡ଼ା ରେ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱର ଦ୍ୱାରା ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇ ଯାଇଛି । ଶିକ୍ଷକ ମାନେ ପ୍ରତ୍ୟେକ ଦେଶର ଶ୍ରେଷ୍ଠ ସମ୍ପଦ । ସେମାନେ ଶିକ୍ଷା ସାଧନା ରେ ନିମଗ୍ନ ରହି ନିଜକୁ ଶ୍ରେଷ୍ଠ ଆଦର୍ଶ ଶିକ୍ଷକ ଭାବେ ଗଢ଼ିବା ଉପରେ ଅତିଥି ମାନେ ମତ ରଖିଥଲେ । ଏହି ପ୍ରଶିକ୍ଷଣ ଶିବିର ରେ ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, କେଉଁଝରେ, ଯାଜପୁର ଆଦି ଜିଲ୍ଲାର ବିଭିନ୍ନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସମୂହ ରୁ ଶତାଧିକ ଗୁରୁଜୀ ଗୁରୁମା ମାନେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଉତ୍ତର ଓଡିଶା ସମାଜ ସଂସ୍କରଣ ର ମୁଖ୍ୟ ଶଶୀରଞ୍ଜନ ମଲ୍ଲିକ ଯୋଗ ଦେଇ ଗୁରୁଜୀ ଗୁରୁମା ମାନେ ଶିକ୍ଷାଦାନ କୁ ଜୀବନ ର ପରମ ବ୍ରତ ଭାବେ ନେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଓ ବରିଷ୍ଠ କବି ପ୍ରଶାନ୍ତ ଦାସ ଯୋଗ ଦେଇ ଶିକ୍ଷକ ଭିତରେ ଗୋଟିଏ ରାଷ୍ଟ୍ର ନିର୍ମାଣ ର ବିରାଟ ସମ୍ଭାବନା ରହିଥାଏ । ରେମୁଣା ସଂକୁଳ ପ୍ରମୁଖ ରାମାନନ୍ଦ ମହାପାତ୍ର ଙ୍କ ସଭାପତି ତ୍ୱ ରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ସାବିତ୍ରୀ ଜେନା, ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ ରାଉତ, ପରିଷଦ ସମ୍ପାଦକ ଯୋଗେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ । ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଗଜେନ୍ଦ୍ର କୁମାର ଚଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ ମାତୃତ୍ୱ ଦିବସ ଅବସରରେ ସମସ୍ତ ଗୁରୁଜୀ ଗୁରୁମା ମାନେ ମାତୃ ପୂଜନ କାର୍ଯ୍ୟକ୍ରମ କୁ ପାଳନ କରିଥିଲେ । ଏହି ଶିବିର ରେ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଉଥିବା ପ୍ରଶିକ୍ଷକ ମାନଙ୍କୁସମ୍ବର୍ଦ୍ଧିତ କରାଯାଇଥିଲା

# ସୋନପୁର ଜିଲ୍ଲାରେ ପରିବହନ ଓ ଖଣି ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୨/୫ (ନି.ପ୍ର): ସୋନପୁର ସର୍କିଟ ହାଉସ ଠାରେ ସୋମବାର ସୋନପୁର ଜିଲ୍ଲାର ପରିବହନ ଏବଂ ଖଣି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଇସ୍ପାତ ଏବଂ ଖଣି ଏବଂ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା , ପରିବହନ ଓ ଖଣି ବିଭାଗର ଜିଲ୍ଲା ଅଧିକାରୀଙ୍କ ସହ କଲେକ୍ଟର, ଏସପି, ଏଡିଏମ, ସବ କଲେକ୍ଟର, ତହସିଲଦାର, ଆଦି ଉପସ୍ଥିତ ଥିଲେ । ମନ୍ତ୍ରୀ ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ତଥା ସଡକ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକୁ ସମୀକ୍ଷା କରିଥିଲେ । ଏହା ସହ ଖଣିଜ ପଦାର୍ଥ ବିଶେଷ କରି ଲଘୁ ଖଣିଜର ଆବଂଟନ ସୁନିଶ୍ଚିତ କରି ସାଧାରଣ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ବ୍ୟବସ୍ଥା ଠିକ କରିବା ସହ ପ୍ରବର୍ତନ କାର୍ଯ୍ୟକୁ ଆହୁରି ସୁଦୃଢ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ନୂତନ ଭାବେ ନିଯୁକ୍ତ ଜେଏମଓ ମାନଙ୍କ ସହ ସମ୍ବାଦ କରିବା ସହ ସେମାନଙ୍କୁ ରାଜ୍ୟର ହିତ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା କାର୍ଯ୍ୟକୁ ସୁସଂଗଠିତ ଭାବେ ପରିଚାଳନା କରିବାକୁ ମନ୍ତ୍ରୀ କହିଥିଲେ ।

# ଜନନୀ ପରିବାର ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ
## ବର୍ଷରେ ୩୬୫ ଦିନ ମାତୃତ୍ୱ ଦିବସ ହେବା ଦରକାର : ସୁବାସିନୀ ଜେନା




ବାଲିଆପାଳ , ୧୨/୫ (ନି.ପ୍ର): ପ୍ରତିବର୍ଷ ମେ ୧୧ ତାରିଖ କୁ ବିଶ୍ୱ ମାତୃତ୍ୱ ଦିବସ ଭାବରେ ଗାଁ ରୁ ସହର ସବୁଠି ପାଳନ ହୁଏ ।ମାଆ ପରି ବଡ଼ କେହି ନାହିଁ ଜଗତେ ମାଆ ପ୍ରତି ଭକ୍ତି ଓ ଶ୍ରଦ୍ଧା କମି କମି ଯାଉଛି ଫଳରେ ଆଜି ର ସମାଜ ଅଧପତନ ଆଡ଼କୁ ଚାଲିଯାଉଛି । ମାଆଙ୍କ ପ୍ରତି ସମାଜ ରେ ହେଉଥିବା ଅନ୍ୟାୟକୁ ରୋକିବା ପାଇଁ ମାତୃତ୍ୱ ଦିବସ ପାଳନ କରାଯାଏ । ବାଲିଆପାଳ ବ୍ଲକ କାଳିପଦା ବଜାର ଠାରେ ଜନନୀ ପରିବାର ପକ୍ଷରୁ ରବିବାର ସନ୍ଧ୍ୟା ରେ ସଂଧ୍ୟାରେ ବିଶ୍ୱ ମାତୃତ୍ୱ ଦିବସ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଜନନୀ ପରିବାର ମୁଖ୍ୟ ଆଇନ ଜିବୀ ଜ୍ୟୋସ୍ନା ରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମାଆ ଙ୍କ ସ୍ନେହ ଓ ମମତା କୁ କୌଣସି ମାପକାଠି ରେ ମପା ଯାଇପାରେ ନାହିଁ । ବର୍ଷ ରେ ଗୋଟିଏ ଦିନ କାହିଁକି ୩୬୫ ଦିନ ମାତୃତ୍ୱ ଦିବସ ପାଳନ କରାଯାଇପାରିବ ବୋଲି କହିଥିଲେ ।ମୁଖ୍ୟ ବକ୍ତା ଭାବେ ସିଂଲା ଥାନା ଅଧିକାରୀ କମୋଳିନୀ ତାଣ୍ଡି ଯୋଗଦେଇ ଯୁବପିଢ଼ୀଙ୍କ ଉଦ୍ଦେଶ୍ୟରେ କହିଥିଲେ ମା'ଙ୍କୁ ସ୍ନେହ ଓ ସମ୍ମାନ ଦେଲେ ପିଲା ମାନେ ସଂସ୍କାରୀ ହେବେ ଓ ସଫଳତା ର ଶିର୍ଷ ସ୍ଥାନ ରେ ପହଞ୍ଚି ପାରିବେ । ସମ୍ମାନିତ ଅତିଥି ଭାବରେ ମୁନି ମତୀ ଆରତୀ ଦେବୀ ,ସମାଜସେବୀ ସାବିତ୍ରୀ ରାଉତ, ଆରତୀ ପାତ୍ର ଯୋଗଦେଇ ମାତୃତ୍ୱ ଦିବସ ପାଳନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ୧୦ ଜଣ ମହିଅସି ମହିଳାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସ୍ନେହଲତା ବେହେରା ଅତିଥି ପରିଚୟ ଓ ସାମ୍ବାଦିକତା ରାଜଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସୁଭଦ୍ରା ରାଉତ, ଲକ୍ଷ୍ମୀ ମୁଖି,ଙ୍କ ସମେତ ଜନନୀ ପରିବାର କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ପାଟୋଳିପୁରା ଗ୍ରାମପଂଚାୟତରେ ସମବାୟ ସମିତି ଲ୍ୟାମ୍ପସ ଗଠନ ପାଇଁ ଦାବି

ବଡ଼ସାହି , ୧୨/୫ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବେତନଟୀ ବ୍ଲକ ପାଟୋଳିପୁରା ଠାରେ ସମବାୟ ସମିତି ଲ୍ୟାମ୍ପସ ଗଠନ ପାଇଁ ମୟୂରଭଞ୍ଜ ର ଜିଲ୍ଲାପାଳଙ୍କୁ ଦାବିପତ୍ର ଜଣାଇଛନ୍ତି । ପୂର୍ବରୁ ଉପନିବନ୍ଧକ ସମବାୟ ସମିତି ଙ୍କୁ ପାଟୋଳିପୁରା ଗ୍ରାମପଞ୍ଚାୟତ ର ଜନସାଧାରଣ ଜଣା ଯାଇଥିଲେ ସୁଦ୍ଧା ଅଜିପର୍ଯ୍ୟନ୍ତ୍ କୌଣସି ପଦକ୍ଷେପ ନେଇନାହାନ୍ତି । ନସାଧାରଣଙ୍କୁ ସରକାରଙ୍କର ଦୁଇଗୋଟି ଗ୍ରାମପଞ୍ଚାୟତ କୁ ନେଇ ସମବାୟ ସମିତି ଗଠନ ନିମନ୍ତେ ନିର୍ଦ୍ଦେଶାବଳୀ ଜାରି ହୋଇଥିଲା । ନଡ଼ପୁର ଗ୍ରା: ପ ର ୬ ଗୋଟି ଗ୍ରାମର ୪୪୮୯ ଲୋକ ସଂଖ୍ୟା ରୁ ୩୪୩ ଜଣ ଋଣୀ ଥିବା ସମୟରେ ପାଟୋଳିପୁରା ଗ୍ରାମପଞ୍ଚାୟତର ୧୫ ଗୋଟି ଗ୍ରାମର ୭୦୧୫ ଲୋକ ସଂଖ୍ୟାରୁ ୭୩୬ ଜଣ ଋଣୀ ସଂଖ୍ୟା ଥିବା ସମୟରେ ସମବାୟ ବିଭାଗର ଅଧିକାରୀ ବୃନ୍ଦ ଏକତରଫା ଭାବରେ ନଡ଼ପୁର ରେ ସମବାୟ ସମିତି ସ୍ଥାପନ ଓ କାର୍ଯ୍ୟାଳୟ ନିର୍ମାଣ କରିଛନ୍ତି । ପୂର୍ବରୁ ଉଭୟ ଗ୍ରା: ପ ର ସମବାୟ ସମିତିର କାର୍ଯ୍ୟାଳୟ ବେଲାଣପୁରାରେ ଚାଲୁଥିଲା । ଉଭୟ ଗ୍ରା: ପ ର ମଝି ଜାଗା ବେଲାଣପୁରା ହେବ ବୋଲି ସମସ୍ତ ଜନସାଧାରଣ ଓ ବିଭାଗୀୟ ଅଧିକାରୀ ଜାଣିଛନ୍ତି । କଣ ସ୍ୱାର୍ଥରଖି ନଡ଼ପୁର ରେ ସମବାୟ ସମିତି କାର୍ଯ୍ୟାଳୟ କରାଗଲା ବୋଲି ଜନ ସାଧାରଣ ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ଆମ ବିଷୟକୁ ବିଚାର ନକଲେ ଚାଷୀକୂଳ ଗଣଧାରଣା କରିବାକୁ ବାଧ ହେବୁ ବୋଲି ଜଣାଇଛନ୍ତି । ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବେ ବୋଲି ଜଣାଇଥିବାରୁ ଜନସାଧାରଣ ସାଧୁବାଦ୍ ଜଣାଇଛନ୍ତି ।

# ଅଲଚିକି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ ତମ ଜନ୍ମଜୟନ୍ତୀ ପାଳିତ



ନୀଳଗିରି, ୧୨/୫ (ନି.ପ୍ର): ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତିକମିଟି ଆନୁକୂଲ୍ୟରେ ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମଜୟନ୍ତୀ ବେଶ ଧୂମଧାମରେ ପାଳିତ ହୋଇଯାଇଛି । ତେଲିପାଳ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସମ୍ମୁଖସ୍ଥ ପ୍ରାଙ୍ଗଣରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ପୂର୍ବତନ ଏସଡିସିର ଅଧକ୍ଷ ମଦନ ମୋହନ ମାଝୀ ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ପ୍ରଥମେ ଗ୍ରାମ ମହାଦେବ ପୋଖରୀରୁ ପାଣି ଉତ୍ତୋଳନ କରାଯାଇ ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତୀକୁ ତେଲ,ହଳଦୀ ଓ ବିଭିନ୍ନ ସୁବାସିତ ପଦାର୍ଥରେ ଗାଧୋଇ ଦେବାସହ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିଥିଲେ । ଆଦିବାସୀ ଜନଜାତି ମାନଙ୍କ ପାଇଁ ସ୍ୱତନ୍ତ୍ର ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ମୁର୍ମୁଙ୍କୁ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା । ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତର ତାଳେତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହିତ ଆଦିବାସୀ ସମ୍ପ୍ରଦାୟର ବହୁ ମହିଳା ଓ ପୁରୁଷମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ଜୀବନୀ ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଉପେନ୍ଦ୍ର ଦାସ,ବରିଷ୍ଠ ସମାଜସେବୀ ଗଙ୍ଗାଧର ମିଶ୍ର,ସୁନାରାମ ସୋରେନ ,ଫକୀର ମୁର୍ମୁ, ଅଶୋକାସିନୀ ନାୟକ, ପୂର୍ବତନ ସରପଞ୍ଚ ସେରାଲ ବାସ୍କେ , ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡି, ଯୋଗେନ୍ଦ୍ର ମାଝୀ,ରଘୁନାଥ ମାଝୀ, ଲମ୍ବୋଦର ମାଝୀ, ହରେକୃଷ୍ଣ ହେମ୍ବ୍ରମ, କାରୁ ହେମ୍ବ୍ରମ, ଦୁଲ୍ଲା ମାର୍ଣ୍ଡି,ଶ୍ୟାମସୁନ୍ଦର ଟୁଡୁ, ଜଗନ୍ନାଥ ବାସ୍କେ,ସଭାପତି ଭାଗବତ ମାଝୀ,ସମ୍ପାଦକ ଚନ୍ଦନ କପମାର ମାଝୀ, ପାରୁ ମାଝୀ, ଦାସ ମାଝୀ,କାଳା ଚରଣ ମାଝୀ, ଲକ୍ଷଣା ମାଝୀ,ବସନ୍ତ ମାଝୀ, ବାଦଲ ମାଝୀ,ଚୈତନ୍ୟ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

# ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ...

ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମଧ ଏହି ବକ୍ତବ୍ୟକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଛି, ଯେଉଁଠାରେ ଅନେକ ବ୍ୟବହାରକାରୀ ପ୍ରଧାନମନ୍ତ୍ରୀଙ୍କ ଏହି କଡ଼ା ଅବସ୍ଥାନକୁ ସମର୍ଥନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ବିରୁଦ୍ଧରେ ଦୃଢ଼ ବାର୍ତ୍ତା ଦେଇ କହିଛନ୍ତି, "ଆମ ମହିଳାଙ୍କ ମଥାରୁ ସିନ୍ଦୁର ପୋଛିବାର ପରିଣାମ ଏବେ ପ୍ରତ୍ୟେକ ଆତଙ୍କବାଦୀ ଜାଣିଛନ୍ତି ।" 'ଅପରେଶନ ସିନ୍ଦୂର'ର ସଫଳତା ପରେ ଦେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହି ଶକ୍ତିଶାଳୀ ବୟାନ ଦେଇଛନ୍ତି, ଯାହା ଜମ୍ମୁ ଓ କାଶ୍ମୀରର ପହଲଗାମ ଆକ୍ରମଣରେ ସ୍ୱାମୀଙ୍କୁ ହରାଇଥିବା ମହିଳାମାନଙ୍କ ଦୁଃଖ ଓ ଆକ୍ରୋଶକୁ ପ୍ରତିଫଳିତ କରୁଛି । ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ନାଗରିକ ନିହତ ହୋଇଥିଲେ । ଏହାର ଜବାବରେ ଭାରତୀୟ ସେନା ମେ ୭ରେ 'ଅପରେଶନ ସିନ୍ଦୂର' ଜରିଆରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଏହି ଅପରେଶନର ନାମ 'ସିନ୍ଦୂର' ରଖିଥିଲେ, ଯାହା ହିନ୍ଦୁ ସଂସ୍କୃତିରେ ମହିଳାଙ୍କ ସୌଭାଗ୍ୟର ପ୍ରତୀକ ଏବଂ ପହଲଗାମରେ ସ୍ୱାମୀଙ୍କୁ ହରାଇଥିବା ମହିଳାମାନଙ୍କ ସମ୍ମାନର ପ୍ରତିଫଳନ । "ରକ୍ତ ଓ ପାଣି ଏକାଠି ବହିପାରିବ ନାହିଁ ।" ଏହି ଶକ୍ତିଶାଳୀ ଅଭିବ୍ୟକ୍ତି ସହିତ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି । 'ଅପରେଶନ ସିନ୍ଦୂର' ପରେ ତିନି ଦିନିଆ ସଂଘର୍ଷ ସମୟରେ ଭାରତୀୟ ସେନା ପାକିସ୍ତାନର ଅନେକ ସାମରିକ ସ୍ଥାନ ଏବଂ ବାୟୁସେନା ଘାଟିକୁ କ୍ଷତିଗ୍ରସ୍ତ କରିବା ପରେ ପାକିସ୍ତାନ ହତାଶ ହୋଇ ବିଶ୍ୱ ସମୁଦାୟଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଥିଲା । ଏହା ସହିତ ପାକିସ୍ତାନର ସେନା ଭାରତ ସହିତ ସିଧାସଳଖ ଯୋଗାଯୋଗ କରିଥିଲା । ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧନରେ କହିଛନ୍ତି, "ଅପରେଶନ ସିନ୍ଦୂର ଭାରତର ଦୃଢ଼ ନିଷ୍ପତ୍ତି ଓ ଶକ୍ତିର ପ୍ରମାଣ । ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରି ଆମେ ଦେଶର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିଛୁ । ପାକିସ୍ତାନର ହତାଶ ପ୍ରୟାସ ଏବଂ ଯୋଗାଯୋଗ ତାଙ୍କ ପରାଜୟକୁ ସ୍ପଷ୍ଟ କରୁଛି ।" ଏହି ନିଷ୍ପତ୍ତି ପାକିସ୍ତାନ ପୃଷ୍ଠପୋଷିତ ଆତଙ୍କବାଦ ଏବଂ 'ଅପରେଶନ ସିନ୍ଦୂର' ପରେ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା ବିରୁଦ୍ଧରେ ଭାରତର କଠୋର ଅବସ୍ଥାନକୁ ସ୍ପଷ୍ଟ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, "ପହଲଗାମରେ ୨୬ ଜଣ ନିରୀହ ଭାରତୀୟଙ୍କ ରକ୍ତ ଝରିଛି । ଯେଉଁ ଦେଶ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି, ତାହା ସହିତ ଆମେ ଜଳ ବାଣ୍ଟିବା ଚାଲୁ ରଖିପାରିବୁ ନାହିଁ । ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ହେଉଛି, କାରଣ ଏହା ଆମ ସୈନିକ ଓ ନାଗରିକଙ୍କ ବଳିଦାନର ସମ୍ମାନ ।" ଏହି ଚୁକ୍ତି ଅନୁସାରେ ଭାରତ ସିନ୍ଧୁ, ଝିଲମ ଏବଂ ଚେନାବ ନଦୀର ଜଳ ପାକିସ୍ତାନ ସହିତ ବାଣ୍ଟୁଛି, ଯାହା ପାକିସ୍ତାନର କୃଷି ଓ ଅର୍ଥନୀତି ପାଇଁ ଜୀବନାଧାର ସମାନ ।'ଅପରେଶନ ସିନ୍ଦୂର' ପରେ ତିନି ଦିନିଆ ସଂଘର୍ଷ ସମୟରେ ଭାରତୀୟ ସେନା ପାକିସ୍ତାନର ଅନେକ ସାମରିକ ସ୍ଥାନ ଏବଂ ବାୟୁସେନା ଘାଟିକୁ କ୍ଷତିଗ୍ରସ୍ତ କରିବା ପରେ ପାକିସ୍ତାନ ହତାଶ ହୋଇ ବିଶ୍ୱ ସମୁଦାୟଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଥିଲା । ଏହା ସହିତ ପାକିସ୍ତାନର ସେନା ଭାରତ ସହିତ ସିଧାସଳଖ ଯୋଗାଯୋଗ କରିଥିଲା । ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧନରେ କହିଛନ୍ତି, "ଅପରେଶନ ସିନ୍ଦୂର ଭାରତର ଦୃଢ଼ ନିଷ୍ପତ୍ତି ଓ ଶକ୍ତିର ପ୍ରମାଣ । ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରି ଆମେ ଦେଶର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିଛୁ । ପାକିସ୍ତାନର ହତାଶ ପ୍ରୟାସ ଏବଂ ଯୋଗାଯୋଗ ତାଙ୍କ ପରାଜୟକୁ ସ୍ପଷ୍ଟ କରୁଛି ।" ମେ ୭ ତାରିଖରେ ଆରମ୍ଭ ହୋଇଥିବା 'ଅପରେଶନ ସିନ୍ଦୂର' ଜମ୍ମୁ ଓ କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବ ଥିଲା, ଯେଉଁଥିରେ ୨୬ ଜଣ ନିରୀହ ନାଗରିକ ପ୍ରାଣ ହରାଇଥିଲେ । ଏହି ଅପରେଶନରେ ଭାରତୀୟ ସେନା, ନୌସେନା ଓ ବାୟୁସେନାର ମିଳିତ ପ୍ରୟାସରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, "ଆମେ ଶାନ୍ତି ଚାହୁଁ, କିନ୍ତୁ ଆତଙ୍କବାଦକୁ କେବେ ବରଦାସ୍ତ କରିବୁ ନାହିଁ । ପାକିସ୍ତାନର ଏହି ନିବେଦନ ସେମାନଙ୍କ ଦୁର୍ବଳତା ଓ ଆତଙ୍କବାଦୀ ସମର୍ଥନର ପରାଜୟକୁ ଦର୍ଶାଉଛି ।" ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଆନ୍ତର୍ଜାତୀୟ ମଞ୍ଚରେ ଭାରତର ଏହି କାର୍ଯ୍ୟକୁ ନ୍ୟାୟସଙ୍ଗତ ବୋଲି ପ୍ରମାଣ କରିଥିବା ବେଳେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ନେତୃତ୍ୱରେ ଏହି ଅପରେଶନ ସଫଳ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସେନାର ଅଦମ୍ୟ ସାହସ ଓ ବୀରତ୍ୱକୁ ସାଲ୍ୟୁଟ କରିଛନ୍ତି । ଅପରେଶନ ସିନ୍ଦୁର ପ୍ରଥମଥର ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ସେନାର ଅବଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, "ଆମ ସୈନିକମାନେ ଦେଶର ଗର୍ବ । ସୀମାରେ ଥାଇ ସେମାନେ ଆମକୁ ନିରାପଦ ରଖିଛନ୍ତି ।" ଏହା ସହିତ ପ୍ରଧାନମନ୍ତ୍ରୀ ଗୋଇନ୍ଦା ସଂସ୍ଥା ଓ ଦେଶର ବୈଜ୍ଞାନିକମାନଙ୍କୁ ମଧ ସାଧୁବାଦ ଜଣାଇଛନ୍ତି । ସେମାନଙ୍କ ଅଭିନବ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ଦେଶର ପ୍ରତିରକ୍ଷା ଶକ୍ତିକୁ ଆହୁରି ସୁଦୃଢ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, "ଆମ ବୈଜ୍ଞାନିକମାନଙ୍କ କାର୍ଯ୍ୟ ବିଶ୍ୱସ୍ତରୀୟ । ସେମାନଙ୍କ ଅବଦାନ ଭାରତକୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ।"

# ଆଗକୁ ଆହୁରି ...

ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି । ଆଜି ପ୍ରବଳ ଖରା ଓ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ନେଇ ୧୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଥିଲା ଆଇଏମଡି । ଗତ କାଲି ୧୯ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଥିଲା । ୪୩.୨ ଡିଗ୍ରୀ ସହ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା ସମ୍ବଲପୁର । ପଶ୍ଚିମ ଓଡିଶା ସହ ଉପକୂଳ ଓଡିଶାରେ ମଧ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହେଉଛି । ଏପରି ପରିସ୍ଥିତିରେ ଅତି ଆବଶ୍ୟକ କାମ ନଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି ।

# ଶ୍ରୀମନ୍ଦିର ସୁରକ୍ଷାରେ...

ଏଥିସହ ସ୍ନାନଯାତ୍ରା ଓ ରଥଯାତ୍ରା ବ୍ୟବସ୍ଥାକୁ ନେଇ ମଧ ଅନୁଧ୍ୟାନ କଲେ ଡିଜିପି । ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ ବ୍ୟବସ୍ଥା ଓ ଭିଡ ନିୟନ୍ତ୍ରଣ ତଥା ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପୁରୀ ଏସ୍ ପିଙ୍କ କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରାଯାଇଛି । ବୈଠକରେ ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିବା ଜଣାପଡିଛି । ଆଡିସନାଲ ଡି ଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଅମିତାଭ ଠାକୁର, ଦୟାଲ ଗଙ୍ଗୱାର, ପ୍ରବୀଣ କୁମାର, ଅନୁପ ସାହୁ, ପିନାକ ମିଶ୍ର, ଏସ ପି ଭିନିତ ଅଗ୍ରୱାଲ ଯୋଗଦାନ କରିଥିଲେ ।

# ୨୪ ଘଣ୍ଟାରେ ଆଣ୍ଡାମାନ ...

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଆକଳନ କରାଯାଇଛି । ଆସନ୍ତାକାଲି ପାଇଁ ୯ ଜିଲ୍ଲାକୁ ଗ୍ରୀଷ୍ମ ପ୍ରବାହ ଓ ୧୦ ଜିଲ୍ଲାକୁ ଗରମ ଗୁଳୁଗୁଳି ନେଇ ୟେଲୋ ଚେତାବନୀ ଜାରି ହୋଇଛି । ଅନ୍ୟପକ୍ଷରେ ପ୍ରଚଣ୍ଡ ଖରା ବେଳେ ଘରୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି ।

# ବିବାହ ଭୋଜିରେ...

ଧଉଳି ଥାନା ଅନ୍ତର୍ଗତ କଲ୍ୟାଣ ମଣ୍ଡପରେ ରିସେପ୍ସନ ଭୋଜି ଚାଲୁଥିବା ବେଳେ ପହଞ୍ଚିଥିଲେ ଯୁବତୀ । ପରେ ରିସେପ୍ସନ ଷ୍ଟେଜରେ ଆରମ୍ଭ ହୋଇଥିଲା ତୁମ୍ବିତୋଫାନ । ଉକ୍ତ ଯୁବତୀ ଜଣକ ହଙ୍ଗାମା କରିଥିଲେ । ପୋଲିସ୍ ଉକ୍ତ ଯୁବକଙ୍କୁ ଅଟକ ରଖିଛି । ଏହି ଘଟଣାକୁ ନେଇ ଲିଙ୍ଗରାଜ ଓ ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଏ ନେଇ ଲଭ, ସେକ୍ସ ଓ ଧୋକା ଅଭିଯୋଗରେ ତଦନ୍ତ କରୁଛି ପୋଲିସ ।

# ବଦଳିଲେ କେରଳ ପ୍ରଦେଶ...

ତେଣୁ ସନ୍ନି ଜୋଶେଫଙ୍କୁ ସଭାପତି ଦାୟିତ୍ୱ ଦେବା ସହ ସବୁ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବର ଯୁବ ଚେହେରା ପିସି ବିଶ୍ୱନାଦ, ସାଫି ପରମବିଲ, ଏପି ଅନୀଲ କୁମାରଙ୍କୁ ସଭାପତି କାର୍ଯ୍ୟକାରୀ ସଭାପତି ତଥା ସାଂସଦ ଅଦୁର ପ୍ରକାଶଙ୍କୁ ୟୁଡିଏଫ ସଂଯୋଜକ ଭାବେ କଂଗ୍ରେସ ମନୋନୀତ କରିଛି ।

ମଙ୍ଗଳବାର, ମଇ ୧୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭଲମଣିଷଙ୍କ ମଧ୍ୟରେ ବହୁତ ଭଲ ମଣିଷ: ଡକ୍ଟର ସୁରଥ ବିଶ୍ୱାଳ

ଭଦ୍ରକ, ୧୨/୫ (ନି.ପ୍ର): ସ୍ଥାନୀୟ ଭାଗବତକଲ୍ୟାଣ ମଣ୍ଡପ ପରିସରରେ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ସୁନାମଧନ୍ୟ ଚିକିତ୍ସକ ଡକ୍ଟର ସୁରଥ କୁମାର ବିଶ୍ୱାଳଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଶିଷ୍ଟ ବ୍ୟକ୍ତି ମାନେ ଡକ୍ଟର ସୁରଥ ବିଶ୍ୱାଳଙ୍କୁ ଜଣେ ଭଲମଣିଷଙ୍କ ମଧ୍ୟରେ ବହୁତ ଭଲମଣିଷ ବୋଲି ଦର୍ଶାଇଥିଲେ। ସମାରୋହର ପ୍ରାରମ୍ଭରେ ଫଟୋଚିତ୍ରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ତଥା ଜନସାଧାରଣ ମାଲ୍ୟାର୍ପଣ କରିବା ସହିତ ପୁଷ୍ପାର୍ଘ ପ୍ରଦାନ କରିଥିଲେ। ବେଦ ପାଠ କରିଥିଲେ ଶ୍ରୀମାନ ସାଇ ଆର୍ଯ୍ୟ ମହାରଣା, ଶିକ୍ଷାବିତ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହା ସ୍ମୃତି ସମାରୋହରେ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ ବିଶିଷ୍ଟ ସ୍ତମ୍ଭକାର ପ୍ରାଧ୍ୟାପକ ବାସୁଦେବ ବାରିକ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷାବିତ ଗୟାଧର ପଣ୍ଡା। ସ୍ମୃତି ସଂସଦର ସଂପାଦକ ହରମୋହନ କୁଅଁର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଂଚ ଆବାହନ କରିଥିଲେ ସମାଜସେବୀ ସୁଧାକର ରାଉତ। ମୁଖ୍ୟ ଅତିଥି ଡାକ୍ତର ସୁଧାଂଶୁ ଶେଖର ବଳ ସେବାର ମହତ୍ୱ ବର୍ଣ୍ଣନା କରିଥିବା ବେଳେ ଅମୃତ ଦର୍ଶନର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଡାକ୍ତର ବିଶ୍ୱାଳଙ୍କର ଆଧ୍ୟାତ୍ମିକ ଜୀବନ ବିଷୟରେ ଅବତାରଣା କରିଥିଲେ, ଶିକ୍ଷାବିତ ଇଂ. ରାଜ କିଶୋର ସାହୁ ଜୀବନ ଦର୍ଶନର ମହାନୀୟ ଗୁଣ କିପରି ଡାକ୍ତର ବିଶ୍ୱାଳଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା ତାହା ଦର୍ଶାଇଥିଲେ। ଏହି ଅବସରରେ ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଘୁନାଥ ପାଢୀ ଏବଂ ପ୍ରାକ୍ତନ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡାଙ୍କୁ ସେମାନଙ୍କର ଜୀବନ ବ୍ୟାପୀ ସାଧନା ନିମିତ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଅଜୟ କୁମାର ନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଡକ୍ଟର ମନୀନ୍ଦ୍ର ମହାନ୍ତି, ଗୋଲକ ବିହାରୀ ସାହୁ, ବୈଲୋଚନ ବେହୁରିଆ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାରୋହକୁ ଜୀତେନ୍ଦ୍ର କୁମାର ବିଶ୍ୱାଳ, ସୌମେନ୍ଦ୍ର କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମାଝୀ, ମନୋଜ କୁମାର ରାଉଳ, ପରମାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମାତୃତ୍ୱକୁ ନେଇ ନାରୀ ମନର ସୂକ୍ଷ୍ମ ମନସ୍ତାତ୍ତ୍ୱିକ ବିଶ୍ଳେଷଣର ପ୍ରତିଫଳନ ନାଟକ ଅବସୋସ



ଭୁବନେଶ୍ୱର , ୧୨/୫ (ନି.ପ୍ର):- ଅତୀତ ର ଭୁଲ୍ ପାଇଁ ସ୍ୱପ୍ନା ମାତୃତ୍ୱ ଲାଭରୁ ବଞ୍ଚିତ ହୋଇ ଲାଞ୍ଛନାର ଶିକାର ହୁଏ । ବିବାହ ପୂର୍ବରୁ ରାକେଶ ସାଥିରେ ଲିଭ୍ ଇନ୍ ରିଲେସନ ରେ ରହି ବାରମ୍ବାର ଗର୍ଭପାତ କରିଥାଏ ସ୍ୱପ୍ନା । ମାନସିକ ଅବସାଦଗ୍ରସ୍ତ ହୋଇପଡେ । ଅବଚେତନ ସ୍ତରରେ ଶିଶୁକୃଷ୍ଣଙ୍କ ସାନିଧ ଲାଭ କରେ । ସ୍ୱାମୀ ରାକେଶ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତି । ପରିଶେଷରେ ନାଟକୀୟ ଭାବରେ ଏକ କନ୍ୟା ସନ୍ତାନ ପୋଷ୍ୟ ସନ୍ତାନ ଭାବେ ରାକେଶ ଘରକୁ ଆଣନ୍ତି ଓ ସ୍ୱପ୍ନକ୍ଷ ଗ୍ରହଣ କରିନିଏ । ଏକ ଶୃଙ୍ଖଳିତ ସମାଜ ଗଠନ ତଥା ସାମାଜିକ ସଚେତନତା ସୃଷ୍ଟି ପାଇଁ ନାଟ୍ୟକାର ଡ. ରଜନୀ, ରଞ୍ଜନ ଓ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲଙ୍କ ବଳିଷ୍ଠ ଉଦ୍ୟମ ପ୍ରଶଂସନୀୟ । ରାଜଙ୍କ ସଙ୍ଗୀତ, ତ୍ରିମୂର୍ତ୍ତୀ ଆର୍ଟଙ୍କ ମଞ୍ଚ ସଜ୍ଜା, ମାନସ୍ମିତାଙ୍କ ନୃତ୍ୟ ସାଞ୍ଜୋଜନା ନାଟକଟିର ଅନ୍ୟତମ ସଫଳ ଦିଗ । ସ୍ୱପ୍ନକ୍ଷ ଭୂମିକାରେ ସୁଧାଂଶୁବକ୍ଷଳା ଙ୍କ ଅଭିନୟ ଖୁବ ଜୀବନ୍ତ ଥିଲା । ଅନ୍ୟାନ୍ୟଙ୍କ ମଧ୍ୟରେ ରାକେଶ ଭୂମିକାରେ ଦିଲ୍ଲୀପ ବିଶ୍ୱାଳ, ଶିଶୁ କଳାକାର ଫିଓନା ସୁନ୍ଦର ଅଭିନୟ କରିଥିଲେ । ମିଲିମିଶ୍ର, ଶକ୍ତି ମହାପାତ୍ର, ଶ୍ରେୟା ,ସାଇନା, ଅମିତ୍, ରାହୁଲ୍, ଅମନ୍ଜିତ୍, ସରିତା , ଅର୍ମକ୍ଷନ ଓ ଅସ୍ମି ପ୍ରମୁଖ ଅଭିନେତା ଅଭିନେତ୍ରୀ ନାଟକଟିକୁ ବୁଦ୍ଧିମନ୍ତ କରିଥିଲେ । ନୀଳକଇଁ ପ୍ରଯୋଜିତ ଓ ଟିମ୍ ନିବେଦିତ ଏହି ନାଟକ ଅବସୋସ ରେ ଅତିଥି ଭାବରେ ନାଟ୍ୟକାର ଡ. ନାରାୟଣ ସାହୁ,ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ଡ. ମହେନ୍ଦ୍ର ମଲ୍ଲିକ,ପ୍ରମୋଦ ଦାସ, ଅଜିତ ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ନୀଳକଇଁ ସମ୍ପାଦିକା ସସ୍ମିତା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଶୈବପୀଠରେ ଅନ୍ନଛତ୍ର



ନୀଳଗିରି , ୧୨/୫ (ନି.ପ୍ର): ପ୍ରତ୍ୟେକବର୍ଷ ପରି ଚଳିତବର୍ଷ ପୁଣ୍ୟ ବୈଶାଖମାସ ଶେଷ ସୋମବାର ଅବସରରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସୁଥିବା ସାହସ୍ରାଧିକ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନଙ୍କୁ ଯାତ୍ରୀସୁରକ୍ଷା କମିଟି ଏବଂ ଦୋକାନୀସଙ୍ଘ ତରଫରୁ ଅନ୍ନଛତ୍ର କାର୍ଯ୍ୟକ୍ରମ କରି ବାବାଙ୍କ ପ୍ରସାଦ ବଣ୍ଟନ କରାଯାଇଛି। ସକାଳ ୮ଘଟିକାରେ ବାବା ଙ୍କ ଠାରେ କମିଟି ତରଫରୁ ପୂଜାର୍ଚ୍ଚନା କରିସାରିବା ପରେ ଦିବା ୧୦ଘଟିକା ଠାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଚାଲୁରହିଥିଲା। ଏହି ସମୟରେ ବାବାଙ୍କ ଦର୍ଶନପାଇଁ ଆସୁଥିବା ସମସ୍ତ ପର୍ଯ୍ୟଟକ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ମନୋରଞ୍ଜନ ଦାସ, ନାୟବ ସରପଞ୍ଚ ମାଳତୀ ନାୟକ, ସମିତିସଭ୍ୟ ଭୋଳାନାଥ ମଝିଁ, ପ୍ରଶାନ୍ତ ବିଶ୍ୱାଳ, ଗୋବିନ୍ଦ ଦାସ, ସିଦ୍ଧାର୍ଥ ସେଠୀ, ବାସୁଦେବ ଜେନା, ରାଜେନ୍ଦ୍ର ବେହେରା, ନରେନ୍ଦ୍ର ସେଠୀ, ବିଶ୍ୱଜିତ ମଲ୍ଲିକ, ହରିହର ସେଠୀଙ୍କ ସମେତ ସମସ୍ତ ମହିଳା ଓ ପୁରୁଷ ଦୋକାନୀମାନେ ସହଯୋଗ କରିଥିଲେ ।

# ଜିତୁ ପ୍ରଧାନଙ୍କ କବିତା ବହି ଉନ୍ମୋଚିତ



ବାଣୀବିହାର , ୧୨/୫ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅନ୍ତିମ ବର୍ଷର ଛାତ୍ର ଜିତୁ ପ୍ରଧାନଙ୍କ କବିତା ବହି 'ମୁଁ ଯାହା ନୁହେଁ 'ସ୍ମୃତି ସୁରଭି କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇ ଯାଇଛି। ଶ୍ରୀ ଜିତୁ ପ୍ରଧାନ ସାମ୍ପ୍ରତିକ ତରୁଣ କବିମାନଙ୍କ ମଧ୍ୟରେ ଏକ ସୁପରିଚିତ ନାମ। ଏହି ଅଳ୍ପ ବୟସରୁ ତାଙ୍କ ପ୍ରତିଭାର ମୌଳିକତା ଆଦୃତି ଲାଭ କରିଥିବାବେଳେ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୋଇଛି ଓ ପ୍ରତିଷ୍ଠିତ କବିଙ୍କ ସହିତ ଏକାଠି ସେ କବିତା ଆବୃତ୍ତି କରିବାର ସୁଯୋଗ ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ମୁଁ ଯାହା ନୁହେଁ କବିତା ସଂକଳନଟିକୁ ସ୍ୱଭାବ-କବି ଗଙ୍ଗାଧର ମେହେର ଓ କବିପତ୍ନୀ ସ୍ମୃତି ଟ୍ରଷ୍ଟ ତରଫରୁ ପ୍ରକାଶ କରିଛନ୍ତି ସ୍ୱୟଂସିଦ୍ଧା ଫାଉଣ୍ଡେସନ। କାର୍ଯ୍ୟକ୍ରମର ସଭାପତି ବିଭାଗ-ମୁଖ୍ୟ ଡକ୍ଟର ରୁଦ୍ରନାରାୟଣ ମହାପାତ୍ର, ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଅତିଥି ପ୍ରାଧ୍ୟାପକ ଡକ୍ଟର ସଂଗ୍ରାମ କେଶରୀ ରାଉତ, ଆସିଷ୍ଟାଣ୍ଟ ପ୍ରଫେସର ଅକ୍ଷନପା ମାର୍ଣ୍ଡି ପୁସ୍ତକଟିକୁ ଉନ୍ମୋଚନ କରି କବିଙ୍କ ସମୁଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କବି ଜିତୁ ପ୍ରଧାନ ଏଥିପାଇଁ ସମସ୍ତ ଶିକ୍ଷକ, ସହପାଠୀ ଓ ପ୍ରଥମବର୍ଷର ଛୋଟ ଭାଇ ଭଉଣୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

# ରିଲିଜ ହେଲା ମ୍ୟୁଜିକ୍ ଭିଡିଓ 'ନିଃସର୍ତ୍ତ'



ଭୁବନେଶ୍ୱର , ୧୨/୫ (ନି.ପ୍ର): ଆମର ମ୍ୟୁଜିକ୍ ଦ୍ୱାରା ରିଲିଜ ହୋଇଛି ଓଡିଶା ମ୍ୟୁଜିକ୍ ଭିଡିଓ ନିଃସର୍ତ୍ତ । ବୁଲନ ଭାଇ ସେବା ଆଶ୍ରମ ଠାରେ ଏହି ମ୍ୟୁଜିକ୍ ଭିଡିଓ ଟିର ସିଡି ଉନ୍ମୋଚନ କରାଯାଇଥିଲା ଏହି ରିଲିଜ ସମୟରେ ଅତିଥି ଭାବେ ପ୍ରଯୋଜକ ସଚ୍ଚିକାନ୍ତ ଜେନା,ପ୍ରଣୟ ଜେଠୀ , ଶିବାଶିଷ ମହାନ୍ତି, ସମାଜ ସେବୀ ବୁଲନ ଭାଇ ସମେତ ଭିଡିଓ ଟିର ନିର୍ଦ୍ଦେଶକ ବାବୁ ବାବୁ, ଅଭିନେତା ବିକ୍ରମ ଓ ଅଭିନେତ୍ରୀ ପ୍ରତିକ୍ଷ୍ୟା ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ବାବୁ ବାବୁ ଙ୍କର ସବୁ ଭିଡିଓ ପରି ମଧ ଏହି ଭିଡିଓ ଟିରେ ଏକ ନିଛକ ଭଲପାଇବା ର କାହାଣୀ ଦେଖିବାକୁ ମିଳିଛି। ସେହିପରି ଗୀତ ଟିକୁ ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଙ୍କ ସହ ନିଜେ ମଧ କଣ୍ଠଦାନ କରିଛନ୍ତି। ବିଭିନ୍ନ ଚଳଚ୍ଚିତ୍ର ଓ ମେଗା ଧାରାବାହିକ ରେ ଅଭିନୟ କରିଥିବା ବିକ୍ରମ ଓ ଅଭିନେତ୍ରୀ ପ୍ରତିକ୍ଷ୍ୟା ଏହି ମ୍ୟୁଜିକ୍ ଭିଡିଓ ଟିରେ ସୁନ୍ଦର ଭାବରେ ଅଭିନୟ କରିଛନ୍ତି । ଏଣୁ ନିର୍ଦ୍ଦେଶକ ବାବୁ ବାବୁ ଙ୍କର ସବୁ ଭିଡିଓ ପରି ଏହି ଭିଡିଓ ଟି ମଧ ବେସ୍ ଲୋକପ୍ରିୟତା ହାସଲ କରିବ ବୋଲି କହିଛନ୍ତି ।

## ଟେଷ୍ଟ କ୍ରିକେଟରୁ ଅବସର ନେଲେ ବିରାଟ କୋହଲି

ନୂଆଦିଲ୍ଲୀ, ୧୨/୫: ଭାରତୀୟ କ୍ରିକେଟ ଦଳର ବରିଷ୍ଠ ଖେଳାଳି ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି, ଯାହା ସହିତ ଲମ୍ବା ଫର୍ମ୍ୟାଟରେ ତାଙ୍କର ବିଶାଳ ଅବଦାନ ଓ ନେତୃତ୍ୱ ଯାତ୍ରାର ଏକ ଅଧ୍ୟାୟର ସମାପ୍ତି ଘଟିଛି। ୩୬ ବର୍ଷୀୟ କୋହଲିଙ୍କ ଏହି ନିଷ୍ପତ୍ତି ତାଙ୍କ ୧୪ ବର୍ଷର ଦୀର୍ଘ ଟେଷ୍ଟ କ୍ୟାରିୟରର ଅନ୍ତ ଅଟେ, ଯେଉଁଥିରେ ସେ ଅନେକ କଠିନ ପରିସ୍ଥିତିରେ ଶ୍ରେଷ୍ଠ ପ୍ରଦର୍ଶନ କରି ନିଜକୁ ଗୋଟିଏ ମହାନ ବ୍ୟାଟ୍ସମ୍ୟାନ ଓ ଅଧିନାୟକ ଭାବେ ପ୍ରମାଣିତ କରିଛନ୍ତି।

# ଶାଶୁ ଘର ଲୋକେ ବୋହୂକୁ ମାରି ଟାଙ୍ଗି ଦେଲେ: ବାପାଙ୍କ ଥାନାରେ ଅଭିଯୋଗ

ଜଳେଶ୍ୱର, ୧୨/୫ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ପାଇକସିଦା ଗ୍ରାମ ପଞ୍ଚାୟତର ଚିତମିଶ୍ରା ଗାଁର ମନୋରଞ୍ଜନ କାମିଳାଙ୍କ ସ୍ତ୍ରୀ ଦମୟନ୍ତୀ କାମିଳାଙ୍କୁ(୩୧)ଗତକାଲି ଦିନ ୧୨ ଟାରେ ନିଜ ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କାରଯାଇଛି। ବାପ ଘର ଲୋକେ ଦମୟନ୍ତୀକୁ ଶାଶୁ ଘର ଲୋକମାନେ ମାରି ଟାଙ୍ଗି ଦେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି ।ଘଟଣାରୁ ପ୍ରକାଶ, ୧୧ ବର୍ଷ ପୂର୍ବେ ମନୋରଞ୍ଜନ ବାଲିଆପାଳ ବ୍ଲକର ବେତଗଡିଆ ପଂଚାୟତର କାଳୁଆଖିଆ ଗାଁର ଗଦାଧର ରଣାଙ୍କ ଝିଅ ଦମୟନ୍ତୀକୁ ବିବାହ କରିଥିଲେ। ମନୋରଞ୍ଜନ ତାର ୩ ଭାଇଙ୍କ ଠାରୁ ଅଲଗା ହୋଇ ଗୁଜୁରାଟରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାର ସ୍ତ୍ରୀ ଦମୟନ୍ତୀ ୩ ନାବାଳିକା ଝିଅଙ୍କ ସହିତ ନିଜ ଘରେ ବାସ କରି ଆସୁଥିଲେ ।କିଛିଦିନ ପୂର୍ବରୁ ଦମୟନ୍ତୀ ତାର ସ୍ୱାମୀ ରହୁଥିବା ଗୁଜୁରାଟକୁ ଯାଇ ଫେରିଆସି ଉଦାସୀନ ଅବସ୍ଥାରେ ରହୁଥିଲେ ବୋଲି ପରିବାର ଲୋକେ କହୁଥିଲେ ।ଗତକାଲି ମଧ୍ୟାହ୍ନରେ ଦମୟନ୍ତୀ ଝିଅ ମାନଙ୍କୁ ଘରୁ ବାହାରକୁ ବାହାର କରି ଦେଇ କବାଟ କିଳି ଦେଇଥିଲା ।ନାବାଳିକା ମାନେ କିଛି ନ ବୁଝି ପାରି ପରେ ଆସି ମାଆ ଦମୟନ୍ତୀକୁ ଡାକିଥିଲେ ।ମାତ୍ର ମାଆ ଡାକ ନ ଶୁଣିବା ଓ କବାଟ ନ ଖୋଲିବାରୁ ପାଖ ଲୋକଙ୍କୁ ଡାକିଥିଲେ ।ମାତ୍ର କବାଟ ଖୋଲି ଦେଖିଲା ପରେ ଦମୟନ୍ତୀ ଏକ ଓଢଣୀ ଲୁଗାରେ ବେକକୁ ବନ୍ଧାଯାଇ ଝୁଲୁ ଥିବାର ଦେଖିବାକୁ ମିଳିଥିଲା ।କିନ୍ତୁ ଦମୟନ୍ତୀର ଗୋଡ଼ ଦୁଇଟି ସମ୍ପୂର୍ଣ୍ଣ ମାଟିରେ ଲାଗିଥିବା ଅବସ୍ଥାରେ ଝୁଲୁ ଥିଲେ ।ବାପ ଘର ଲୋକେ ପହଞ୍ଚି ପୋଲିସ୍‌କୁ ଖବର ଦେବା ସହିତ ସ୍ୱାମୀ ବାହାରେ ରହୁ ଥିବାରୁ ତାଙ୍କ ଝିଅକୁ ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ମିଶି ନିର୍ଯ୍ୟାତନା ଦେବା ସହିତ ତାକୁ ମାରି ଟାଙ୍ଗି ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦମୟନ୍ତୀର ବାପା ଗଦାଧର ରଣା ।ମାତ୍ର ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ତଦନ୍ତ ଜାରି ରଖିଛି।

# ମଙ୍ଗଳାଙ୍କ ପୀଠରେ ବାର୍ଷିକ ଉତ୍ସବ



ବାସୁଦେବପୁର, ୧୨/୫ (ନି.ପ୍ର): ଆଧ୍ୟାତ୍ମିକ ତଥା ଉଲ୍ଲାସର ସହିତ ଭକ୍ତିମୟ ପରିବେଶ ମଧ୍ୟରେ ଚାଲିଛି ତିଦୀବସୀୟ ମଙ୍ଗଳା ଙ୍କ ପୀଠରେ ବାର୍ଷିକ ଉତ୍ସବ। ସମାଜ ର କଲ୍ୟାଣ ପାଇଁ ଭିନ୍ନ ଭିନ୍ନ ସମୟରେ ଦେବୀ ପୀଠ ମାନଙ୍କ ରେ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏମିତି ଏକ ବାର୍ଷିକ ଉତ୍ସବ ଦେଖି ବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆଉଁଙ୍ଗ ଗ୍ରାମ ରେ ଥିବା ଆଦ୍ୟାଶକ୍ତି ମହାମାୟା ମା କଟି ମଙ୍ଗଳା ମନ୍ଦିର ରେ। ଏଠାରେ ପ୍ରତିବର୍ଷ ଚଣ୍ଡୀ ପାଠ ସହ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଗତ କାଲି ମା ଙ୍କ ପୀଠରେ ମୁଖ୍ୟ ପୁରୋହିତ ବିଜୟକିଷାନ ସନ୍ଧିବିଗ୍ରହ ଙ୍କ ଦ୍ୱାରା ଅଧିବାସ ପୂଜା ଆରମ୍ଭ ହୋଇଥିଲା । ଅଙ୍କୁରାରୋପଣ, କାୟା ଶୁଦ୍ଧ ସହିତ ଯଜ୍ଞ ବେଦୀ ପ୍ରସ୍ତୁତି ଶେଷ ହୋଇ ଥିବା ବେଳେ ଆଜି ଦ୍ୱିତୀୟ ଦିବସ ର ପ୍ରାତଃ କାଳ ରେ ଘଟ ଉତ୍ତୋଳନ କରାଯାଇଛି ।କଳସ ଶୋଭା ଯାତ୍ରା ମହା ଆଡ଼ମ୍ବରରେ ପାଳିତ ହୋଇଛି । ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ କଳସ ଶୋଭା ଯାତ୍ରା ରେ ସାମିଲ ହୋଇଛନ୍ତି ।ବାଣ, ରୁସଣୀ ସହ ବାଦ୍ୟ କଳସ ଶୋଭା ଯାତ୍ରାକୁ ଆକର୍ଷଣୀୟ କରିଛି। ଶଙ୍ଖ, ଘଣ୍ଟ, ବାଦ୍ୟ ରେ ଶକ୍ତି ପୀଠ ପ୍ରକମ୍ପିତ ହେଉଛି। ଭକ୍ତମାନେ ଗ୍ରାମ ପରିକ୍ରମା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଯଜ୍ଞମଣ୍ଡପ ରେ ପହଞ୍ଚି ଛନ୍ତି। ଚାରି ଜଣ ବରିଷ୍ଠ ପଣ୍ଡିତ ପୂଜା ରେ ନିୟୋଜିତ ଅଛନ୍ତି। ବରିଷ୍ଠ ସମାଜ ସେବୀ ସୀତା କାନ୍ତ ରାଉତ ଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ଶୃଙ୍ଖଳା ର ସହ ଚାଲୁଅଛି। ଭୂଦେବୀ ପୂଜା ଠାରୁ ଆରମ୍ଭ କରି, ସୂର୍ଯ୍ୟ ପୂଜା ଗୋ ପୂଜା ଗୁରୁ ପୂଜା ମାତୃପିତୃ ପୂଜା ସର୍ବ ଦେବାଦେବୀ ପୂଜା ଇତ୍ୟାଦି ସମସ୍ତ ନୀତି କାନ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଲୁରହିବବୋଲି ମୁଖ୍ୟ ପୂଜକ ଶ୍ରୀ ବିଜୟ କିଷାନ ସନ୍ଧିବିଗ୍ର ପ୍ରକାଶ କରିଛନ୍ତି। ପ୍ରସାଦ ସେବନ କରି ଭକ୍ତମାନେ ବେଶ୍ ଆନନ୍ଦିତ ଥିବା ଦେଖାଯାଏ। କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ମହିଳା ସଂଖ୍ୟା ଅଧିକ ଥିବାର ଦେଖାଯାଏ। ଆସନ୍ତା କାଲି ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ବହୁ ଶ୍ରଦ୍ଧାଳୁ ଭକ୍ତମାନେ ରୁଣ୍ଡିଭୁତ ହେବା ର ଅନୁମାନ କରାଯାଏ ।ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି ବୋଲି ଅନୁଷ୍ଠାନ ର ମୁଖ୍ୟ ପ୍ରକାଶ କରିଛନ୍ତି।

# ସମ୍ପନ୍ନ ହେଲା ଜଉ କଣ୍ଢେଇ ବାହାଘରର ଲଗ୍ନଧରା ଉତ୍ସବ




ବାଲେଶ୍ୱର, ୧୨/୫ (ନି.ପ୍ର): ଆଜି ପବିତ୍ର ଚନ୍ଦନ ପୂର୍ଣ୍ଣମାତିଥିରେ ଓଡ଼ିଶାର ଅନ୍ୟତମ ଗଣପର୍ବ ଭାବରେ ପରିଚିତ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଉତ୍ସବର ଲଗ୍ନଧରା ପର୍ବ ଆଜି ବାଲେଶ୍ୱର ସହରର ଆନଂଦ ବଜାରସ୍ଥିତ ଲୋକନାଥ ମନ୍ଦିରରେ ବହୁ ଆଡମ୍ବରର ସହ ସମ୍ପନ୍ନ ହୋଇଯାଇଛି । ବାଲେଶ୍ୱର ଫକୀର ମୋହନ କଲେଜ ରୋଡ଼ସ୍ଥିତ ସିଦ୍ଧି ବିନାୟକ ମନ୍ଦିରରେ ବରପିତା ପିତାମ୍ବର ଦାସ ଓ ବରମାତା ସୁକାନ୍ତି ଲତା ଦାସ ଜଉ କଣ୍ଢେଇ ଉତ୍ସବ ସମିତିର ସଦସ୍ୟମାନଙ୍କ ସହ ପୂଜାର୍ଚ୍ଚନା କରିଥିଲେ । ଉପେନ୍ଦ୍ର ନାଥ ପାତ୍ର, ଡ଼ଃ କୁମାର ଗୋପାଳ, କାଳିକିଙ୍କର ଦାସ, ବ୍ରହ୍ମନାଥ ରଥ, ବିପ୍ଳବ ମହାନ୍ତି ଗୋପାଳ ଜେନା, ରାଜେଶ ଗିରି, ଜୟଶ୍ରୀ ସାହୁ, ଅଞ୍ଜଳି ପଣ୍ଡା, ଧରିତ୍ରୀ ମିଶ୍ର,ରଚନା ସେନ ଆଦି ଅନେକ ସଦସ୍ୟ ଏକ ବିରାଟ ପଟୁଆରରେ ସହଦ୍ୱେଖୁଣ୍ଡାର ଆନନ୍ଦ ବଜାରସ୍ଥିତ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ କନ୍ୟାପିତା ନୀଳମଣି ମଣ୍ଡଳ, କନ୍ୟାମାତା ଉମାମଣି ମହାନା ଶିଳ୍ପୀ କେଶୁ ଦାସ, ରଘୁନାଥ ଲେଙ୍କା, ଚନ୍ଦ୍ର ଶେଖର ଦାସ ମହାପାତ୍ର, ଇଂ ହୃଷୀକେଶ ସାହୁ, କନକଲତା ଦାସ ଆଦିଙ୍କ ସହ ସ୍ୱାଗତ କରିଥିଲେ । ପ୍ରତିବର୍ଷ ପରି ଏବର୍ଷ ବର ଓ କନ୍ୟା ଭାବରେ ବିଶିଷ୍ଟ ଗାଳ୍ପିକ ପ୍ରାଣବନ୍ଧୁ କରଙ୍କର ପ୍ରସିଦ୍ଧ ଗଳ୍ପ ସୁଅ ମୁହଁର ପତରର ନାୟକ ଅପର୍ତ୍ତି ଓ ନାୟିକା ଗୋରେଇଙ୍କୁ ମନୋନୀତ କରାଯାଇଛି । ସିଦ୍ଧି ବିନାୟକ ମନ୍ଦିରର ପୁରୋହିତ ବର ପକ୍ଷର ସମସ୍ତ ସଦସ୍ୟଙ୍କୁ ଯଥାବିଧି ପୂଜା ସମ୍ପନ୍ନ କରି ଶୁଭ ମୁହୂର୍ତ୍ତରେ ଲଗ୍ନଧରା ପାଇଁ ବିଦାୟ କରିଥିଲେ । ଲୋକନାଥ ମନ୍ଦିରରେ ଜଉ କଣ୍ଢେଇ ବାହାଘର ସମିତିର ପୁରୋହିତ ପଣ୍ଡିତ ବିମଳ ପଣ୍ଡା, ଲୋକନାଥ ମନ୍ଦିରର ପଣ୍ଡିତ ବିଶ୍ୱମ୍ବର ମିଶ୍ର ତଥା ବାରିକ ସଂଘର ସମ୍ପାଦକ ବିମଳ ବାରିକ ଲଗ୍ନଧରା ବିଧି ଯଥାରୀତି ସମ୍ପନ୍ନ କରିବାରେ ସହଯୋଗ କରିଥିଲେ । ପ୍ରତିବର୍ଷ ଭଳି ଏହି ଲଗ୍ନଧରା ଉତ୍ସବରେ ଯୌତୁକ ବାବଦରେ ମଧ କଥା ସ୍ଥିର ହୋଇଥିଲା । କନ୍ୟା ପକ୍ଷ ଶହେ ତାଳ ଗଛ ଲଗାଇବା ସହ ଏକ ରକ୍ତଦାନ ଶିବିର ଆୟୋଜନ କରିବାର ପ୍ରତିଶ୍ରୁତି ଦେଇଥିଲେ । ସେମିତି ବରପକ୍ଷ ସମୁଦ୍ର ତଟର ସଫା କରିବା ସହ ଗରିବ ଝିଅଙ୍କୁ ବିନା ଯୌତୁକରେ ବିବାହ କରେଇବାର ପ୍ରତିଶ୍ରୁତି ଦେଇଥିଲେ । ଏଇ ମାସର ୨୨ ତାରିଖ ମଙ୍ଗଳନ, ୨୩ ତାରିଖ ବାହାଘର ତଥା ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସହରର ମିଶନ ସ୍କୁଲ ପଡ଼ିଆରେ ସବୁଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ସମ୍ପାଦିତ ହେବ । ଏହି ସମାରୋହରେ ବାଲେଶ୍ୱରର ବହୁ ମାନ୍ୟଗଣ୍ୟ ଲୋକ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟରେ ବୁଦ୍ଧ ପୂର୍ଣ୍ଣିମା ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

ବାରିପଦା, ୧୨/୫ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ବୁଦ୍ଧ ପୁର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ପୁଣ୍ୟ ତିଥି ରେ ଜନ୍ମଲାଭ କରିଥିବା ସାନ୍ତାଳୀ ଭାଷା ର ସ୍ରଷ୍ଟା ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ସାନ୍ତାଳୀ ବିଭାଗ ଦ୍ୱାରା ପାଳିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ସ୍ମୃତି ଚାରଣ ଉପଲକ୍ଷେ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକନ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାୟଳର ସାନ୍ତାଳୀ ବିଭାଗର ର ମନସା ମୋହନ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରଘୁନାଥ ମୁର୍ମୁ ଙ୍କ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ସାଧନା ବିଷୟରେ ମତ ପୋଷଣ କରିଥିଲେ। ଟି ଟି ଆଇ, ତଖତପୁର, ବାରିପଦାର ଅଧକ୍ଷ କଦନ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାନ୍ତାଳୀ ଭାଷା ର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ସାନ୍ତାଳୀ ଭାଷା ର ଶିକ୍ଷୟିତ୍ରୀ ଲମତି ହେମ୍ବ୍ରମ ଯୋଗ ଦେଇ ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିବା ପର୍ଯ୍ୟନ୍ତ ପଣ୍ଡିତ ରଘୁନାଥ ମୁର୍ମୁ ତଥା ଅନ୍ୟ ଭାଷାବିତ ମାନଙ୍କର ନିଷ୍ଠାପର ଉଦ୍ୟମ କୁ ଭୁୟସୀ ପ୍ରଂଶସା କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଲକ୍ଷ୍ମୀ ଚାପିଆର, ପି ଏମ ଆଇ ଆର ବିଭାଗର ର ଅଧ୍ୟାପକ ରଣଜିତ ମାରାଣ୍ଡି, ବି ଏ ଏଲ ଏଲ ବି ବିଭାଗର ଅଧ୍ୟାପକ ସମ୍ବିତ କୁମାର ମିଶ୍ର ଆଲୋଚନା ରେ ଭାଗ ନେଇ ନିଜର ମତ ପୋଷଣ କରିଥିଲେ। ପ୍ରାରମ୍ଭରେ ସାନ୍ତାଳୀ ବିଭାଗ ର ମୁଖ୍ୟ ସିରାମ ଟୁଡୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ବିଭାଗର ଅଧ୍ୟାପକଡ଼ ଠାକୁରା ଚରଣ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ବୁଦ୍ଧ ପୁର୍ଣ୍ଣିମା ପାଳନ ଅବସରରେ ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମା ର ନାୟକ ଭଗବାନ ବୁଦ୍ଧଙ୍କର ନୀତି, ଆଦର୍ଶ ଓ ବିଭିନ୍ନ ସମସ୍ୟାରୁ ନିଜକୁ କେମିତି ସ୍ୱାଧୀନ ରଖିବାକୁ ହୁଏ ସେ ସମ୍ପର୍କରେ ବୁଦ୍ଧଙ୍କ ର ବାଣୀ କୁ ଅତି ସରଳ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡରୀ ସ୍କୁଲ ଓ ମହର୍ଷି ଇଣ୍ଟେରଣସନଲ ପବ୍ଲିକ ସ୍କୁଲ ର କର୍ମଚାରୀ ଓ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ଭାଗ ନେଇଥିଲେ। ମହାବିଦ୍ୟାଳୟର ଛାତ୍ରବାସ ରେ ଥିବା ଅନ୍ତେବାସୀ ମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# କଂଗ୍ରେସ ନେତାଙ୍କ ଜନ୍ମ ଦିନରେ ବସ୍ତ୍ର ଦାନ

ବସ୍ତା, ୧୨/୫ (ନି.ପ୍ର): ରାଜ୍ୟ କଂଗ୍ରେସର ଯୁବ ନେତା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ର ସଦସ୍ୟ ବାଲେଶ୍ୱର ସଂସଦୀୟ କ୍ଷେତ୍ର ର ଅତୀତ ର ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଙ୍କ ଜନ୍ମ ଦିନ କୁ ଆଜି ନିଆରା ଢଙ୍ଗରେ ପାଳିଛନ୍ତି ତାଙ୍କ ର ସମର୍ଥକ ମାନେ। ସକାଳେ ଜିଲ୍ଲା କଂଗ୍ରେସ କମିଟି ର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନା ତତ୍ତ୍ୱାବଧାନରେ ସମର୍ଥକ ମାନେ ବାସୁଚକୁରାଇ ପଂଚାୟତ ର ବସନ୍ତରି ସାହି ଆଦିବାସୀ ପଡ଼ା ରେ କିଛି ଗରିବ ବୃଦ୍ଧ ଓ ବୃଦ୍ଧାଙ୍କୁ ନୂତନ ବସ୍ତ୍ର ଶାଢ଼ୀ ଓ ଉତ୍ତରୀୟ ଦାନ କରିଥିଲେ ଏବଂ ଶ୍ରୀ ପଟ୍ଟନାୟକ ଦୀର୍ଘାୟୁ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ କୃଷକ ସେଲ୍ ର ସଭାପତି ନରେନ୍ଦ୍ର ଦାସ ମାନସ ବେହେରା ରତିକାନ୍ତ ମୁର୍ମୁ ଜଗନ୍ନାଥ ଜେନା ଆନାପା ସୋରେନ୍ ପ୍ରମୁଖ ସମର୍ଥକ ମାନେ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida